
CMYK



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୨ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 22 MARCH 2023
Vol.No. 34 ■ No. 76 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଅମ୍ରିତପାଲ ସିଂ ଫେରାର : ପଞ୍ଜାବ ପୁଲିସକୁ ହାଇକୋର୍ଟଙ୍କ ପ୍ରଶ୍ନ



ନୂଆଦିଲ୍ଲୀ, ୨୧/୦୩ : ସମସ୍ତଙ୍କ ଆଖିରେ ଧୂଳି ଦେଇଏବେବି ଫେରାର ରହିଛି ଖଲିସ୍ତାନୀ ନେତା ଅମ୍ରିତପାଲ ସିଂ । ପୂରା ପଞ୍ଜାବରେ ପୁଲିସ ଛାଉଣୀ ତଥାପି ମିଳୁନି ତାର ଟେର । ମୋଷ୍ଟ ୱାଣ୍ଟେଡ୍ ଅପରାଧୀକୁ ଧରିବା ପାଇଁ ପଞ୍ଜାବ ପୁଲିସ ବିଫଳତା ଉପରେ ଟିପ୍ପଣୀ ରଖିଛନ୍ତି ହରିଆଣା-ପଞ୍ଜାବ ହାଇକୋର୍ଟ । ପଞ୍ଜାବ ପୁଲିସକୁ ଭତ୍ସନା କରି କୋର୍ଟ ପଚାରିଛନ୍ତି- ଅମୃତପାଲ ସିଂଙ୍କ ବ୍ୟତିତ ସମସ୍ତେ ଗିରଫ ହୋଇଛନ୍ତି । ପୁଲିସ ଏବେ ସୁଦ୍ଧା ଅମୃତପାଲକୁ କାହିଁକି ଧରିପାରିନି ? ପଞ୍ଜାବ ପୁଲିସର ୮୦ହଜାର ପୁଲିସ କାହିଁକି ବିଫଳ ହୋଇଛନ୍ତି ? କଣ ପାଇଁ ଅମ୍ରିତପାଲ ଗିରଫରେ ବିଳମ୍ବ ହେଉଛି ? କିପରି ଅମ୍ରିତପାଲ ଫେରାର ହେଲା ? କଣ ପଞ୍ଜାବ ପୁଲିସର ଗୁଇନ୍ଦା ବିଭାଗ ବିଫଳ ହୋଇଛି ? ଏଥିସହ ଯଥାଶିଘ୍ର ମାମଲାର ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୁଣାଣି ସମୟରେ ପଞ୍ଜାବ ପୁଲିସ କୋର୍ଟରେ ନିଜ ପକ୍ଷ ରଖିଛି । କୋର୍ଟରେ ପୁଲିସ କହିଛି ଅମ୍ରିତପାଲ ଉପରେ ଏନଏସଏସ ବା ନ୍ୟାଶନାଲ ସିକ୍ୟୁରିଟି ଆକ୍ଟ ଲଗାଯାଇଛି । ତେଣୁ ଗିରଫ ୫ଜଣ ସହଯୋଗୀଙ୍କୁ ଆସାମ ସେଣ୍ଟାଲ ଜେଲକୁ ପଠାଯାଇଛି । ଏବେ ସୁଦ୍ଧା ଅମ୍ରିତପାଲର ୧୨୦ଜଣ ସମର୍ଥକଙ୍କୁ ଗିରଫ କରାଯାଇଛି । ସେପଟେ ପଞ୍ଜାବ ସରକାର କହିଛନ୍ତି ଯିଏବି ରାଜ୍ୟର ଶାନ୍ତି ଭଙ୍ଗ କରିବ ତା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସ୍ଥିତି ବିଗୁଡୁଥିବା ଦେଖି ରାଜ୍ୟର କିଛି ସମ୍ବେଦନଶୀଳ ସ୍ଥାନରେ ପଞ୍ଜାବ ପୁଲିସ ଫ୍ଲାଗମାର୍ଚ୍ଚ କରିଛି । ଗୁରୁବାର ପର୍ଯ୍ୟନ୍ତ ଏଠାରେ ୧୪୪ ଧାରା ଜାରି ରହିବ ଓ ଇଣ୍ଟରନେଟ ସେବା ବନ୍ଦ ରହିଛି । କିଛି ଦିନ ପୂର୍ବରୁ ନିଜର ଜଣେ ସହଯୋଗୀଙ୍କ ଗିରଫକୁ ବିରୋଧ କରି ଅଜନାଲ ପୁଲିସ ଷ୍ଟେସନରେ ପଶିଥିଲେ ଅମ୍ରିତପାଲର ହଜାର ସଂଖ୍ୟକ ସମର୍ଥକ । ଥାନରେ ଭଙ୍ଗାରୁଜା କରିବା ପୁଲିସ ଅଧିକାରଙ୍କୁ ମାଡପିଟ ମଧ କରିଥିଲେ । ଘଟଣାକୁ ଦୁଇମାସ ପୂରିବାକୁ ବସିଥିଲେ ବି ମାଷ୍ଟରମାଇଣ୍ଡ ଅମ୍ରିତପାଲକୁ ଗିରଫ କରିବାରେ ବିଫଳ ହୋଇଛି ପଞ୍ଜାବ ପୁଲିସ ।

## ଖର୍ଚ୍ଚ ଦାବି ଆଲୋଚନା ବେଳେ ବିରୋଧୀଙ୍କୁ ଟାର୍ଗେଟ୍ କଲେ ନବୀନ



ଭୁବନେଶ୍ୱର, ୨୧/୦୩ (ନି.ପ୍ର): ଗୃହ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ବେଳେ ବିରୋଧୀଙ୍କୁ ନିଶାନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଖର୍ଚ୍ଚ ଦାବି ଆଲୋଚନା ପରେ ବିଧାନସଭା ବାହାରେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ଶାକୁ ଲ ଲେସନେସ୍ କହିବା ଓଡ଼ିଶାବାସୀଙ୍କୁ ଅପମାନ । ଯେଉଁମାନେ ଲ ଲେସନେସ୍ କହୁଛନ୍ତି, କିଛି କଥା ମନରେ ରଖନ୍ତୁ; ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ନିବେଶକମାନେ ଓଡ଼ିଶାକୁ ପିସଫୁଲ୍ କହିଛନ୍ତି । ଆଇନ ଶୃଙ୍ଖଳା ସ୍ଥିତି ଭଲ ନଥିଲେ ନିବେଶକମାନେ ଆସନ୍ତେନି । ଏଠାକୁ ଯିଏ ବି ଆସୁଛି, ତାର ପ୍ରଥମ ମନ୍ତବ୍ୟ ▶▶ପୃଷ୍ଠା ୭

## ୩ ଦିନିଆ ଓଡ଼ିଶା ଗସ୍ତରେ ମମତା ବାନାର୍ଜୀ



ଭୁବନେଶ୍ୱର, ୨୧/୦୩ (ନି.ପ୍ର): ଦିଲ୍ଲୀରେ ୨୪ ଘଂଟିଆ ଧାରଣା ଦେବା ନେଇ ଘୋଷଣା କରିବା ପରେ ଓଡ଼ିଶାରେ ପହଂଚିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ । ତିନି ଦିନିଆ ଗସ୍ତରେ ଆସି ପୁରୀରେ ପହଂଚିଛନ୍ତି ମମତା ବାନାର୍ଜୀ । କୋଲକାତାରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବା ପରେ ସଡକପଥରେ ସିଧା ପୁରୀରେ ପହଂଚିଥିଲେ । ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ପୁରୀରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ ରହିଛି । ସିପସରୁବାଲି ମୌଜାରେ ୫ ଏକର ଜମିରେ ପଶ୍ଚିମବଙ୍ଗ ସରକାର ଲାଗି ଏକ ଗେଷ୍ଟହାଉସ ନିର୍ମାଣ ହେବାର ଅଛି । ଏହି ଜମିକୁ ବୁଲି ଦେଖିବା ସହ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବେ ମମତା । ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । ଓଡ଼ିଶା ଅଭିମୁଖେ ବାହାରିବା ପୂର୍ବରୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି ମମତା ବାନାର୍ଜୀ । ବିଭିନ୍ନ ଯୋଜନାରେ କେନ୍ଦ୍ରୀୟ ଅନୁଦାନ ମିଳୁନଥିବା ଅଭିଯୋଗ କରି ଆଗାମୀ ୨୯ ଓ ୩୦ ତାରିଖରେ ଦିଲ୍ଲୀ ବିଆର ଆମ୍ବେଦକର ପ୍ରତିମୂର୍ତ୍ତି ତଳେ ଧାରଣା ଦେବେ ମମତା । ବାସହୀନଙ୍କୁ ଘର ଓ ଗ୍ରାମାଂଚଳ ରୋଜଗାର ସୃଷ୍ଟି ଭଳି ଯୋଜନାରେ କେନ୍ଦ୍ର ବଜେଟ୍ରେ ଅନୁଦାନ କମାଇ ଦିଆଯାଇଥିବାରୁ ଏହାର ପ୍ରତିବାଦ କରିବେ । ମୋଦୀ ବିରୋଧୀ ଭାବେ ବେଶ ଜଣାଶୁଣା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ । କଂଗ୍ରେସକୁ ବାଦ୍ ଦେଇ ମୋଦୀ ବିରୋଧୀ ମଂଚ କଥା କହୁଥିବାରୁ ମମତାଙ୍କ ଓଡିଶା ଗସ୍ତର ଗୁରୁତ୍ୱ ବେଶ ବଢିଯାଇଛି । ଉଭୟ ବିଜେପି ଓ କଂଗ୍ରେସଠାରୁ ସମଦୂରତ୍ୱ କଥା କହୁଥିବା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେସିଆରଙ୍କ ନେତୃତ୍ୱରେ ତିଆରି ହେଉଥିବା ତୃତୀୟ ସାମୁଖ୍ୟଠାରୁ ମଧ ଦୂରେଇ ରହିଛନ୍ତି । ତେଣୁ ୨୦୨୪ରେ ବିଜେପିକୁ ଚେକ୍ ଦେବା ପାଇଁ ନବୀନଙ୍କ ସହଯୋଗ ଲୋଡିପାରନ୍ତି ମମତା ।

## ସ୍ୟାଟ୍ ଉଚ୍ଛେଦ ନିଷ୍ପତ୍ତି ସୁପ୍ରିମକୋର୍ଟରେ କାଏମ



ଭୁବନେଶ୍ୱର, ୨୧/୦୩ (ନି.ପ୍ର): ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ(ସ୍ୟାଟ୍) ଉଚ୍ଛେଦ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି । ରାଜ୍ୟ ସରକାରଙ୍କ ସୁପାରିଶ ଆଧାରରେ କେନ୍ଦ୍ର ସରକାର ୨୦୧୯ ମସିହା ଅଗଷ୍ଟ ୨ତାରିଖରେ ସ୍ୟାଟ୍ ଉଚ୍ଛେଦ କରିଥିଲେ । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ତାଙ୍କ ରାୟରେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ଉଚ୍ଛେଦ ନିଷ୍ପତ୍ତିକୁ ବୈଧ ବୋଲି ଦର୍ଶାଇବା ସହ ସମ୍ବିଧାନର ଧାରା ୩୨୩(କ) ଭାରତ ସରକାରଙ୍କୁ ଟ୍ରିବ୍ୟୁନାଲ ଉଚ୍ଛେଦ ନିଷ୍ପତ୍ତି ନେବାରେ ବାଧକ ସାଜୁନି । ଟ୍ରିବ୍ୟୁନାଲ ଉଚ୍ଛେଦ ନିଷ୍ପତ୍ତି ମଧ ସମ୍ବିଧାନର ଧାରା ୧୪କୁ ଉଲ୍ଲଘଂନ କରୁନି ବୋଲି ସୁପ୍ରିମକୋର୍ଟ ମତ ଦେଇଛନ୍ତି । ୨୦୧୫ ମସିହାରେ ସ୍ୟାଟ୍ ଉଚ୍ଛେଦ ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ଏନେଇ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବା ପରେ ୨୦୧୯ ମସିହାରେ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ବିଧିବଦ୍ଧ ବିଜ୍ଞପ୍ତି ଜାରି ସ୍ୟାଟ୍ ଉଚ୍ଛେଦ ଘୋଷଣା କରିଥିଲେ । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୟାଟ୍ ବାର ଆସୋସିଏସନ ପକ୍ଷରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା । ତେବେ ସ୍ୟାଟ୍ ଉଚ୍ଛେଦ ନେଇ କେନ୍ଦ୍ର ସରକାରଙ୍କ କ୍ଷମତା ଥିବା କଥା ହାଇକୋର୍ଟ କହିବା ସହ ଏହି ନିଷ୍ପତ୍ତିକୁ ବୈଧ ରଖିଥିଲେ । ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ପୁଣିଥରେ ସ୍ୟାଟ୍ ବାର ଆସୋସିଏସନ୍ ଚ୍ୟାଲେଞ୍ଜ କରିଥିଲେ ।

## ଲଣ୍ଡନରେ ଭାରତୀୟଙ୍କ ଶକ୍ତି ପ୍ରଦର୍ଶନ, ଖଲିସ୍ତାନୀ ସମର୍ଥକଙ୍କୁ ଦେଲେ ଦୃଢ ଜବାବ




ନୂଆଦିଲ୍ଲୀ, ୨୧/୦୩ : ଲଣ୍ଡନରେ ଥିବା ଭାରତୀୟ ହାଇକମିଶନ ଭିତରେ ବଳପୂର୍ବକ ପଶି ଭଙ୍ଗାରୁଜା କରିବା ସହ ଭାରତୀୟ ତ୍ରିରଙ୍ଗାର ଅପମାନ କରିଥିଲେ ଖଲିସ୍ତାନୀ ସମର୍ଥକ । କିନ୍ତୁ ଏବେ ସେହି ସ୍ଥାନରେ ଦେଖିବାକୁ ମିଳିଛି ଭିନ୍ନ ଚିତ୍ର । ଶତାଧିକ ଭାରତୀୟ ସମର୍ଥକ ହାତରେ ତ୍ରିରଙ୍ଗା ଧରି ଶକ୍ତି ପ୍ରଦର୍ଶନ କରିଛନ୍ତି । ତ୍ରିରଙ୍ଗାରେ କେତେ ଶକ୍ତି ଅଛି, ତାହା ପ୍ରମାଣ କରି ଦେଖାଇଛନ୍ତି ଲଣ୍ଡନରେ ଥିବା ଭାରତୀୟ । ବିଭିନ୍ନ ଦେଶାତ୍ମବୋଧ ଗୀତର ତାଳେ ତାଳେ ନାଚିଥିଲେ ଭାରତୀୟ । ଏହାସହ ଭାରତୀୟ ସମ୍ପ୍ରଦାୟ ଖଲିସ୍ତାନୀଙ୍କୁ ଖୋଲା ଚେତାବନୀ ଦେଇଛନ୍ତି ଯେ କେହିବି ଭାରତକୁ ନାଲି ଆଖି ଦେଖାଇପାରିବେ ନାହିଁ । ଆଉ ସେଠାରେ ରହୁଥିବା ସବୁ ଭାରତୀୟ ଖଲିସ୍ତାନୀଙ୍କ ଏଭଳି ବ୍ୟବହାରକୁ ନିନ୍ଦା କରିବା ସହ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ବିଧାନସଭାରେ ହଙ୍ଗାମା: ବିଜେପିର ୫-ଟି ବନାମ ବିଜେଡିର ଚାଉଳ



ଭୁବନେଶ୍ୱର, ୨୧/୦୩ (ନି.ପ୍ର): ସ୍ୱାଭାବିକ ହେଉନି ବିଧାନସଭା । ପ୍ରଶ୍ନକାଳ ପରେ ଶୂନ୍ୟକାଳରେ ହଙ୍ଗାମା କରିଛନ୍ତି ଉଭୟ ଶାସକ ଓ ବିଜେପି ବିଧାୟକ । ବିରୋଧୀ ଦଳ ନେତା ଫାଇଭ୍-ଟି ପ୍ରସଙ୍ଗ ଉଠାଇ ପ୍ରଶ୍ନ କରିଥିବାବେଳେ, ଶାସକ ଦଳ ସଦସ୍ୟମାନେ ଚାଉଳ ପ୍ରସଙ୍ଗ ଉଠାଇ ପ୍ରତିବାଦ କରିଛନ୍ତି । ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଶ୍ନ କରି ପଚାରିଛନ୍ତି, ଜଣେ କହିଲେ ୫-ଟି ଏକ ବିଚାରଧାରା ଏବଂ ଚିନ୍ତାଧାରା । ତାପରେ ଏବେ କହିଲେଣି ସିଏମଓ । ୫-ଟି ସିଏମଓ କେମିତି ହେଲେ ? ୫-ଟି ଗୋଟିଏ ବିଚାରଧାରା ସିଏମଓ କେମିତି ହେବ ? କ୍ରୀତଦାସ ପ୍ରଥା କେବେଠୁ ଉଠିଗଲାଣି, ମାନ୍ୟବର ସଦସ୍ୟ କେମିତି କହିଲେ ସେ କ୍ରୀତଦାସ ? ଜୟନାରାୟଣଙ୍କ ପ୍ରଶ୍ନ ପରେ ଜବାବ ରଖିଛନ୍ତି ବିଜେଡି ବିଧାୟିକା ଲତିକା ପ୍ରଧାନ । ସେ ଅଭିଯୋଗ କରି କହିଛନ୍ତି, ଜୟନାରାୟଣଙ୍କ ମାନସିକ ଭ୍ରମ ସୃଷ୍ଟି ହୋଇଛି । ମାନସିକ ଦୋଷ ମଧ ରହିଛି । ତାଙ୍କର ଟ୍ରିଟମେଂଟର ଆବଶ୍ୟକତା ରହିଛି । ଜୟନାରାୟଣ ୫ଟି - ପ୍ରସଙ୍ଗ ଉଠାଇବାବେଳେ, ବିଜେଡି ସଦସ୍ୟମାନେ ଚାଉଳ ପ୍ରସଙ୍ଗ ଉଠାଇ ପ୍ରତିବାଦ କରିଛନ୍ତି । ଶାସକ ଦଳରବିଧାୟକମାନେ ନିଜ ନିଜ ଆସନରେ ଛିଡା ହୋଇ, କେନ୍ଦ୍ର ସରକାର କାହିଁକି ୫ କେଜି ଚାଉଳ କାଟି ଦେଲେ ସେନେଇ ପ୍ରଶ୍ନ କରିଛନ୍ତି । ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ▶▶ପୃଷ୍ଠା ୭

## ରାଜ୍ୟରେ ଆହୁରି ୪ ଦିନ ବର୍ଷିବ



ଭୁବନେଶ୍ୱର, ୨୧/୦୩ (ନି.ପ୍ର): ପଶ୍ଚିମା ଝଡ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ଜାରି ରହିଛି । ଏହାସହ ସ୍ଥାନେ ସ୍ଥାନେ କୁଆପଥର ବର୍ଷା ହୋଇଥିବା ସୂଚନା ମିଳିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଘଡଘଡି ବିଜୁଳି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ ସମ୍ବଲପୁର, ଦେବଗଡ, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ, ଢେଙ୍କାନାଳ, ନୟାଗଡ, ଯାଜପୁର, କଟକ, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ଓ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ମଧ୍ୟ ବହିପାରେ । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ କନ୍ଧମାଳ , ପୁରୀ , ଗଂଜାମ, ଖୋର୍ଦ୍ଧା, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, କଳାହାଣ୍ଡି, ଜଗତସିଂହପୁର, ସୁବର୍ଣ୍ଣପୁର, ବୌଦ୍ଧ , ବଲାଙ୍ଗୀର ଓ ନୂଆପଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହୋଇପାରେ । ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଅପରପକ୍ଷରେ ଆଗାମୀ ୪ ଦିନ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଥିଲେ ହେଁ କୌଣସି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇ ନାହିଁ ।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚସ୍ତରୀୟ ବୈଠକ



ଭୁବନେଶ୍ୱର, ୨୧/୦୩ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ଶିକ୍ଷାନୁଷ୍ଠାନରେ ଭେଦଭାବ ଦୂରୀକରଣ ଉପରେ ଆଧାରିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁଭାଷ ସରକାରଙ୍କ ସମେତ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ବିଭାଗ, ସିବିଏସଇ, ଏଆଇସିଟିଇ, ୟୁଜିସିର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ଶ୍ରୀ ପ୍ରଧାନ

## ଡିଜେ ଆଜେକ୍ସଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ : ଶ୍ୱାସରୁଦ୍ଧରୁ ମୃତ୍ୟୁ ସୂଚନା

ଭୁବନେଶ୍ୱର, ୨୧/୦୩ (ନି.ପ୍ର): ଜଣାଶୁଣା ଡିଜେ ଆଜେକ୍ସ ଓରଫ ଅକ୍ଷୟଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ପୋଲିସ୍ କୁ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିଛି । ଶ୍ୱାସରୁଦ୍ଧରୁ ମୃତ୍ୟୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହାସହ ଆଜେକ୍ସଙ୍କ ବେକରେ ଦାଗ ଥିବା ମଧ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଝୁଲିପଡିଥିବାରୁ ଏହି ଦାଗ ହୋଇଥିବା ଜଣାପଡିଛି । ଅପରପକ୍ଷରେ ଅକ୍ଷୟଙ୍କ ପ୍ରେମିକା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଆଜି ପୋଲିସ୍ ଜେରା କରିବ । ଅନ୍ତରଙ୍ଗ ଫଟୋ, ଭିଡିଓ ବ୍ଲାକମେଲ ନେଇ ପଚରାଉଚରା ହେବ ବୋଲି ସୂଚନା ମିଳିଛି । ଗତ ୧୭ ତାରିଖ ରାତିରେ ଅକ୍ଷୟଙ୍କୁ ଏକାଧିକ ଥର ପ୍ରେମିକା କଲ କରିଥିଲେବୋଲି ଜଣାପଡିଛି ।

## ମାନବ ଚାଲାଣ ଓ ସେକ୍ସ ର୍ୟାକେଟ ଠାବ

### ୬ ଜଣ ଯୁବତୀ ଉଦ୍ଧାର ଏବଂ ୧୩ ଅଭିଯୁକ୍ତ ଗିରଫ



ବାଲେଶ୍ୱର, ୨୧/୦୩ (ନି.ପ୍ର): ମାନବ ଚାଲାଣ ଓ ଯୁବତୀଙ୍କୁ ଅନୈତିକ କାର୍ଯ୍ୟକଳାପରେ ବ୍ୟବହାର ଅଭିଯୋଗରେ ବାଲେଶ୍ୱର ପୁଲିସ ୧୩ ଜଣଙ୍କୁ ଗିରଫ କରିଥିବା ବେଳେ ୬ଜଣ ଯୁବତୀଙ୍କୁ ଉଦ୍ଧାର କରିଛି । ପଶ୍ଚିମବଙ୍ଗର ଏକ ସ୍ୱେଚ୍ଛାସେବୀ ସଂଗଠନଠାରୁ ସୂଚନା ପାଇ ଜିଲା ପୁଲିସ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଅପରେସନ ଏହି ଗିରଫଦାରୀ ଓ ଉଦ୍ଧାର କାର୍ଯ୍ୟ କରିଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି । ଏସପିଙ୍କ ସୂଚନା ଅନୁସାରେ ବସ୍ତା ଅଞ୍ଚଳରୁ ଉଦ୍ଧାର ଯୁବତୀଙ୍କୁ ଅନୈତିକ କାର୍ଯ୍ୟରେ ଲିପ୍ତ କରାଯାଇଥିଲା । ଏନେଇ ବସ୍ତା ଅଞ୍ଚଳର ଏକ ଦମ୍ପତିଙ୍କୁ ଗିରଫ କରାଯାଇଛି । ଏଥି ସହିତ ଅନୈତିକ କାର୍ଯ୍ୟରେ ଲଗାଇ ଅର୍ଥ ଉପାର୍ଜନ କରୁଥିବା ଅନ୍ୟଜଣେ ୨୮ ବର୍ଷର ଯୁବକକୁ ବି ଗିରଫ କରାଯାଇଥିବା ଏସପି ସୂଚନା ଦେଇଛନ୍ତି । ଏମିତିକି ସମ୍ପୃକ୍ତ ପୀଡ଼ିତା ଯୁବତୀଙ୍କୁ କେବଳ ବସ୍ତା ନୁହେଁ ବାଲେଶ୍ୱର ସହର ଉପକଣ୍ଠ ମେଘଦମ୍ବରୁ ଅଞ୍ଚଳରେ ରଖଯାଇ ଅନୈତିକ ବ୍ୟାପାରରେ ଲଗାଯାଉଥିବା ତଦନ୍ତରେ ଜଣାପଡ଼ିଛି । ବାଲେଶ୍ୱର ସଦର ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ମେଘଦମ୍ବରୁର ଏକ ଘରେ ଅନୈତିକ ବ୍ୟବସାୟ ଚଳାଉଥିବା ୨ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଥିବା ଏସପି ଶ୍ରୀମତୀ ନାଥ କହିଛନ୍ତି । ସବୁଠାରୁ ବଡ଼କଥା ହେଲା ଏହି ସେକ୍ସ ର୍ୟାକେଟରେ ଅନ୍ୟଜଣେ ଯୁବତୀଙ୍କୁ ଖୋର୍ଦ୍ଧାରେ ନିୟୋଜିତ କରାଯାଇଥିବା ନେଇ ଉଦ୍ଧାର ଯୁବତୀଙ୍କଠାରୁ ସୂଚନା ମିଳିବା ପରେ ବାଲେଶ୍ୱର ପୁଲିସ ତାଙ୍କୁ ସେଠାରୁ ଉଦ୍ଧାର କରିଛି । ସେଠାରୁ ମଧ୍ୟ ଜଣେ ୨୮ ବର୍ଷର ଯୁବକଙ୍କୁ ପୁଲିସ ଗିରଫ କରିଛି । ସେହିଭଳି ଓଡ଼ିଶାକୁ ଯୁବତୀ ଚାଲାଣ ଅଭିଯୋଗରେ ପଶ୍ଚିମବଙ୍ଗର ୨୪ ପ୍ରଗଣାରୁ ଜଣେ ଅଭିଯୁକ୍ତକୁ ମଧ୍ୟ ଗିରଫ କରାଯାଇଛି । ଗିରଫ ଏହି ବ୍ୟକ୍ତି ସହ ବାଲେଶ୍ୱରର ଅଭିଯୁକ୍ତମାନେ ଅର୍ଥ ନେଣଦେଣ କରୁଥିବା ପ୍ରମାଣ ମିଳିଛି ବୋଲି ଏସପି ପ୍ରକାଶ କରିଛନ୍ତି । ସେହିପରି ସିଂଲା ଥାନା ଅଞ୍ଚଳରେ ଚାଲିଥିବା ଅନୈତିକ କାର୍ଯ୍ୟକଳାପରେ ୩ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ଏହି ଅପରେସନରେ ଉଦ୍ଧାର କରାଯାଇଥିବା ୬ଜଣ ଯୁବତୀଙ୍କ ମଧ୍ୟରୁ ଦୁଇଜଣ ବାଂଲାଦେଶର ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ଜାଲ ଡକ୍ୟୁମେଣ୍ଟରେ ଯୁବତୀମାନଙ୍କ ପରିଚୟପତ୍ର ତିଆରି କରାଯାଇ ସେମାନଙ୍କୁ ବିଭିନ୍ନ ସ୍ଥାନରେ ରଖି ଏହି ବ୍ୟବସାୟ ଚାଲିଥିଲା । ସ୍ୱଚ୍ଛଳ ଜୀବନଯାପନ ସାଙ୍ଗକୁ ଅଧିକ ଉପାର୍ଜନର ଲୋଭ ଦେଖାଇ ଯୁବତୀମାନଙ୍କୁ ଏହିଭଳି ଅନୈତିକ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଏସ୍‌ପି ପ୍ରକାଶ କରିଛନ୍ତି । ଏନେଇ ବସ୍ତା ଥାନା ପକ୍ଷରୁ ୮୧/୨୦୨୩ ଓ ସିଂଲା ଥାନା ପକ୍ଷରୁ ୪୮/୨୦୨୩ ଦୁଇଟି ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି । ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେହୁରା, ସଦର ଥାନା ଅଧିକାରୀ ଜୟନ୍ତ ବେହେରା ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

CMYK

# ବ୍ୟାଘ୍ର ପ୍ରକଳ୍ପରେ ଇକୋ ଟୁରିଜିମ୍: ଶିମିଳିପାଳକୁ ପଛରେ ପକାଇଲା ସାତକୋଶିଆ



ଅନୁଗୁଳ , ୨୧/୦୩ (ନି.ପ୍ର): ଇକୋ ଟୁରିଜିମ୍‌ରେ ଭଲ ପର୍ଯ୍ୟଟକଙ୍କୁ ଟାଣିଛି ସାତକୋଶିଆ ଅଭୟାରଣ୍ୟ। ଶିମିଳିପାଳ ଅପେକ୍ଷା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଦେଶ ତଥା ବିଦେଶ ପର୍ଯ୍ୟଟକଙ୍କଠାରୁ ଭଲ ରୋଜଗାର ପାଇଛି। ଶିମିଳିପାଳ ତୁଳନାରେ ସାତକୋଶିଆ ଅଭୟାରଣ୍ୟ ପ୍ରକୃତି ନିବାସରୁ ମୋଟ କୋଟିଏ ୧୦ଲକ୍ଷ ଟଙ୍କା ଅଧିକ ଆୟ କରିଛି। ଜଙ୍ଗଲ ଏବଂ ପରିବେଶ ବିଭାଗର ତଥ୍ୟ କେବଳ ଏକଥା ବୟାନ କରୁନାହିଁ, ବରଂ ଅନ୍‌ଲାଇନ୍ ବୁକିଂରେ ଓଡ଼ିଶାର ଦୁଇ ବ୍ୟାଘ୍ର ପ୍ରକଳ୍ପରୁ ସାତକୋଶିଆ ଯେ ପର୍ଯ୍ୟଟକଙ୍କର ବେଶି ପସନ୍ଦ ହୋଇଛି, ତାହା ବି ପ୍ରମାଣିତ କରୁଛି। ସୂଚନା ମୁତାବକ, ଓଡ଼ିଶାର ଦୁଇ ବ୍ୟାଘ୍ର ପ୍ରକଳ୍ପ ହେଉଛି ଶିମିଳିପାଳ ଏବଂ ସାତକୋଶିଆ। ଯାହାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତୃପକ୍ଷ (ଏନ୍‌ଟିସିଏ) ମହାବଳ ବାଘଙ୍କ ଆବାସ ସ୍ଥଳୀ ସ୍ୱରୂପ ବ୍ୟାଘ୍ର ପ୍ରକଳ୍ପର ମାନ୍ୟତା ଦେଇଛି। ସାତକୋଶିଆରେ ମହାବଳ ସଂଖ୍ୟା ପ୍ରାୟ ଶୂନ ହୋଇଯାଇଥିବା ବେଳେ ଶିମିଳିପାଳରେ ମହାବଳଙ୍କ ଉପସ୍ଥିତି ରାଜ୍ୟକୁ ଗୌରବାନ୍ୱିତ କରିଛି। ରାଜ୍ୟ ସରକାର ଓଡ଼ିଶାର ମୋଟ୍ ୧୮ଟି ଜିଲ୍ଲାରେ ଇକୋ ଟୁରିଜିମ୍‌ର ବିକାଶ କରିଥିଲେ। ୨୦୧୬-୧୭ଆର୍ଥିକବର୍ଷରୁ ଚଳିତବର୍ଷ ଯାଏ ମୋଟ୍ ୪୮ଟି ପ୍ରକୃତି ନିବାସ ପର୍ଯ୍ୟଟକଙ୍କ ପାଇଁ ବିକଶିତ କରାଯାଇଥିଲା। ସହରୀ ଜୀବନରୁ ଟିକେ ଫୁରସତ୍ ମିଳିଲେ, ପର୍ଯ୍ୟଟକ ଯେମିତି ଜଙ୍ଗଲ ପରିବେଶ ଭିତରେ ସମୟ ଅତିବାହିତ କରିବେ, ସେଥିପାଇଁ ଯୋଜନା ଏ ପ୍ରକୃତି ନିବାସର ଯୋଜନା ସବୁ ହୋଇଥିଲା। ଏସବୁ ପ୍ରକୃତି ନିବାସ ପାଇଁ ଅନ୍‌ଲାଇନ୍ ବୁକିଂ ବ୍ୟବସ୍ଥା କରାଯାଇଥିଲା। ଦେଶ ତଥା ବିଦେଶର ପର୍ଯ୍ୟଟକମାନେ ଅନ୍‌ଲାଇନ୍ ଜରିଆରେ ବୁକିଂ କରି ଏଠାରେ ରହିବା, ଖାଇବା ଏବଂ ବୁଲିବା ସୁବିଧା ସବୁ ଉପଲବ୍ଧ କରାଯାଇଛି। ସାତକୋଶିଆ ଅଭୟାରଣ୍ୟ ହେଉଛି ଦୁଇଟି ବନଖଣ୍ଡର ସମାହାର। ମହାନଦୀ ଗଣ୍ଡର ଏପାଖରେ ସାତକୋଶିଆ ବନଖଣ୍ଡ ଅନୁଗୁଳ ଜିଲ୍ଲାରେ ଅବସ୍ଥିତ ରହିଥିବା ବେଳେ ସେପାଖରେ ନୟାଗଡ଼ ଜିଲ୍ଲାରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆରେ ପର୍ଯ୍ୟଟନର ଦାୟିତ୍ୱ ମୁଣ୍ଡାଇଥିଲା। ଗତ ୨୦୧୬-୧୭ଆର୍ଥିକ ବର୍ଷରୁ ଅଦ୍ୟାବଧି ଯାଏ ଅନୁଗୁଳ ଜିଲ୍ଲା ପଟେ ରାଜ୍ୟ ସରକାର ମୋଟ୍ ୫ଟି ପ୍ରକୃତି ନିବାସର ବିକାଶ କରାଇଛନ୍ତି। ଟିକରପଡ଼ା, ଛୋଟକେଇ, ତରଭା, ବାଘମୁଣ୍ଡା ଏବଂ ପୁରୁଣାକୋଟ୍‌ରେ ଅବସ୍ଥିତ ଏହି ପ୍ରକୃତି ନିବାସ ପିଛା ସରକାର ମୋଟ୍ ୪କୋଟି ୫୫ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଅନ୍‌ଲାଇନ୍ ବୁକିଂ ଜରିଆରେ ୪କୋଟି ୨୨ଲକ୍ଷ ଟଙ୍କାର ଆୟ ହୋଇଛି। ବ୍ୟୟ ଅପେକ୍ଷା ଆୟ ପ୍ରାୟ ୫୫ଲକ୍ଷ ଟଙ୍କା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ଯଦିଓ କମିଛି, କିନ୍ତୁ ନୟାଗଡ଼ ଜିଲ୍ଲାରେ ଥିବା ସାତକୋଶିଆ ଅଭୟାରଣ୍ୟର ଅନ୍ୟତମ ବନଖଣ୍ଡ ସାତକୋଶିଆର ଆୟକୁ ପରିବର୍ଦ୍ଧିତ କରିଛି।

ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅପେକ୍ଷା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ସରକାର ତିନି ଭାଗରୁ ଭାଗେ ଟଙ୍କା ଖର୍ଚ୍ଚ କରିଥିଲେ। ମୋଟ୍ ଉପରେ ମାତ୍ର ୧କୋଟି ୪୪ଲକ୍ଷ ୫୧ହଜାର ଟଙ୍କା ବ୍ୟୟ କରି ବଡ଼ମୂଳଠାରେ ମହାନଦୀ ବାଲିରେ ସରକାର ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ତିଆରି କରିଥିଲେ। ଏହି ସ୍ୟାଣ୍ଡ ରିସୋର୍ଟ ସାତକୋଶିଆ ପର୍ଯ୍ୟଟନକୁ ଚାରି ଗୁଣରୁ ଅଧିକ ଆୟ ଦେଇଛି। ମୋଟ୍ ଉପରେ ଏହି ରିସୋର୍ଟରୁ ସରକାର ୬କୋଟି ୨୯ଲକ୍ଷ ୪ହଜାର ଟଙ୍କା ଆୟ କରିଥିବା ବିଭାଗୀୟ ସୂତ୍ରରୁ ସ୍ପଷ୍ଟ ହୋଇଛି। ସାତକୋଶିଆର ଉଭୟ ବନଖଣ୍ଡକୁ ମିଶାଇ ଦେଲେ ସାତକୋଶିଆ ଅଭୟାରଣ୍ୟ ମୋଟ୍ ଉପରେ ୧୦କୋଟି ୭୧ଲକ୍ଷ ୫୨ହଜାର ଟଙ୍କା ଆୟ କରିଛି।

କିନ୍ତୁ, ଶିମିଳିପାଳର ଆୟ ଶିମିଳିପାଳଠାରୁ କୋଟିଏ ଟଙ୍କା କମ୍। ତଥ୍ୟ ମୁତାବକ, ଉତ୍ତର ଶିମିଳିପାଳ ଡିଭିଜନରେ ସରକାର ଗୁଡୁଗୁଡ଼ିଆ, ଜାମୁଆଣି, କୁମାରି, ରାମତୀର୍ଥ ଓ ବରେହିପାଣିରେ ମୋଟ୍ ୫ଟି ପ୍ରକୃତି ଶିବିର କରିବାକୁ ମୋଟ୍ ୭କୋଟି ୬ଲକ୍ଷ ୩୦ହଜାର ଟଙ୍କା ସରକାର ଖର୍ଚ୍ଚ କରିଥିଲେ। ଅନ୍‌ଲାଇନ୍ ବୁକିଂ କରି ପର୍ଯ୍ୟଟକଙ୍କଠାରୁ ପ୍ରକୃତି ନିବାସ ବାବଦକୁ ୯କୋଟି ୬୧ଲକ୍ଷ ୧୫ହଜାର ଟଙ୍କା ଆୟ କରାଯାଇଥିବା ବିଭାଗ ସୂତ୍ରରୁ ସ୍ପଷ୍ଟ ହୋଇଛି।

# ଆବାସ ଯୋଜନାକୁ ସାତ ସପନ : ଭଙ୍ଗା କୁଡ଼ିଆରେ କଟୁଛି ସୁକାନ୍ତିଙ୍କ ଜୀବନ

ଚମ୍ପୁଆ, ୨୧/୦୩ (ନି.ପ୍ର): ସରକାରଙ୍କ ଯୋଜନା ଉପରେ ଯୋଜନା ରହିଛି, କାର୍ଯ୍ୟକ୍ରମ ବି ଚାଲିଛି ହେଲେ ଏହା ଗରୀବର ଭାଗ୍ୟରେ ଜୁଟେନି। ଥିଲାବାଲା ଲୋକମାନେ କଳେ ବଳେ କୌଶଳେ ସରକାରୀ ଯୋଜନାର ଫାଇଦା ନେଉଥିବାବେଳେ ଗରିବ ପାଇଁ ସତେ ଯେମିତି ପାଲଟିଛି ସାତ ସପନ। ସରକାର ଆବାସ ଯୋଜନା ମାଧମରେ ସମସ୍ତ ବାସହୀନ ଗରିବ ଲୋକଙ୍କୁ ବାସଗୃହ ଯୋଗାଇ ଦେବା ଲକ୍ଷରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଆଦି ଯୋଜନା ମାନ କରିଛନ୍ତି। ହେଲେ ଥିଲାବାଲା ଲୋକମାନେ ଏହି ଯୋଜନାର ଫାଇଦା ଉଠେଇ ବିଲଡିଂ ଠିଆ କରୁଥିବାବେଳେ ଖରା, ବର୍ଷାରେ ଦୁଃଖ କଷ୍ଟରେ ମୁଣ୍ଡ ଗୁଞ୍ଜି ବଂଚୁଥିବା ଗରିବ ଲୋକଙ୍କ ପାଖରେ ସବୁ ଯୋଜନା ଅପହଂଚ ପାଲଟିଛି। ଚମ୍ପୁଆ ବ୍ଲକ, ବଡ଼ନଇ ପଂଚାୟତ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର ସୁକାନ୍ତି ଲୋହାରଙ୍କ ପରି ଗରିବ ପରିବାର ଏହି ଯୋଜନାରୁ ବଂଚିତ ରହି ଭାଗ୍ୟକୁ ନିନ୍ଦିବା ପରି ଦୃଶ୍ୟ ଚମ୍ପୁଆ ବ୍ଲକରେ ଆବାସ ଯୋଜନା ବଂଟନର ସ୍ୱଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗମ୍ଭାରିଆ ଗ୍ରାମର ସୁକାନ୍ତି ଲୋହାର, ସ୍ୱାମୀ- ମକରୁ ଲୋହାର ଜଣେ ଦିନ ମଜୁରିଆ ଭାବେ ନିଜ ପରିବାର ପ୍ରତିପୋଷଣ କରନ୍ତି। ଭୂମିହୀନ ପରିବାର ହୋଇଥିବାରୁ ଗାଁ ମୁଣ୍ଡରେ ଏକ ନୁଆଁଣିଆ ଭଙ୍ଗା ଛପର ଘରେ ଦୁଇ ସନ୍ତାନକୁ ନେଇ ରହି ଆସୁଛନ୍ତି। ଚାରିପଟେ ଘରର କାନ୍ଥ ଫାଟି ଆଁ କରିଥିବାବେଳେ ଆର୍ଥିକ ପରିସ୍ଥିତି ଭଲ ନଥିବାରୁ ଘର ମରାମତି କରିବାକୁ ସକ୍ଷମ ନହୋଇ ଭଙ୍ଗା ଘର ଉପରେ ଏକ ପଲିଥିନ ଟାଣି ରହୁଛନ୍ତି। ଫଟା କାନ୍ଥ ସହିତ ଭଙ୍ଗା ଚାଳ ଯୋଗୁଁ ସାଧାରଣ ବର୍ଷା ଟିକେ ହେଲେ ପର ଘର ବାରଣ୍ଡାରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି। ଆବାସ ଯୋଜନାରେ ଘରଟିଏ ପାଇଁ ପଂଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଦଉଡ଼ି ଦଉଡ଼ି ନୟାନ୍ତ ହୋଇ ପଡ଼ିଥିଲେ ମଧ କୌଣସି ଲାଭ ମିଳିନି, ଚଳିତ ବର୍ଷ ଆବାସ ଯୋଜନା ଚୟନ ତାଲିକାରୁ ମଧ ବାଦ ପଡ଼ିବାରୁ ହତାଶ ହୋଇ ମକରୁ ନିଜ ଭାଗ୍ୟକୁ ନିନ୍ଦୁଥିବାର ଦେଖିବାକୁ ମିଳିଛି। ତେବେ ଏ ସମ୍ପର୍କରେ ବଡ଼ନଇ ପଂଚାୟତର ପଂଚାୟତ ନିର୍ବାହୀ ଅଧିକାରୀ ଜୁଲି ସର୍ଦ୍ଦାରଙ୍କୁ ଯୋଗାଯୋଗ କରାଯିବାପରେ ମକରୁ ଲୋହାର ପାଇଁ ଯଥାଶୀଘ୍ର କିଛି ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ, ଚାଳକ ଗୁରୁତର

ହରିଚନ୍ଦନପୁର, ୨୧/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ମନୋହରପୁର ଛକରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ, ଚାଳକ ଗୁରୁତର । ମିଳିଥିବା ସୂଚନା ଅନୁଯାୟୀ ପିଠାଗୋଳା ଗ୍ରାମର ବନବିହାରୀ ସାହୁଙ୍କ ପୁଅ ସୁଶିଲ କୁମାର ସାହୁ(୩୯) କୌଣସି କାର୍ଯ୍ୟରେ ହରିଚନ୍ଦନପୁର ଆସିଥିଲେ । ଏଠାରୁ ସଂନ୍ଧ୍ୟା ୭ଟା ସମୟରେ ଘରକୁ ଫେରୁଥିବା ବେଳେ ମନୋହରପୁର ଛକ ମଧରେ ଥିବା ପେଣ୍ଡାଲରେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ । ଧକ୍କା ଦେବା ଫଳରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ସ୍ଥାନୀୟ ଯୁବକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ।

# ବଲାଙ୍ଗୀର ବନ ବିଭାଗ ଜଙ୍ଗଲ ଅଗ୍ନିକାଣ୍ଡର ମୁକାବିଲା ପାଇଁ ପ୍ରସ୍ତୁତ

ବଲାଙ୍ଗିର, ୨୧/୦୩ (ନି.ପ୍ର): ବଲାଙ୍ଗିର ବନ ବିଭାଗ ଅଧିକାରୀ ନୀତିଶ କୁମାର ଆଗାମୀ ଗ୍ରୀଷ୍ମ ଋତୁରେ ବନକୁ ଅଗ୍ନି ଦାଉରୁ ରକ୍ଷା କରିବା, ଜୀବ ଜନ୍ତୁଙ୍କୁ ସଂରକ୍ଷଣ ଦେବା ଉପରେ କହିଛନ୍ତି : ଗ୍ରୀଷ୍ମ ଋତୁ ଯେତିକି ପାଖେଇ ଆସୁଛି, ବଲାଙ୍ଗୀର ବନ ବିଭାଗ ପୁନର୍ବାର ଜଙ୍ଗଲ ଅଗ୍ନିକାଣ୍ଡର ମୁକାବିଲା ପାଇଁ ପ୍ରସ୍ତୁତ ଅଛି। ଆମେ ଘୋଷଣା କରି ଖୁସି ଯେ, ଆମ ଜଙ୍ଗଲ ବିଭାଗର ପ୍ରତ୍ୟେକ ପରିସରରେ ଆମେ ୧୦ ଟି ଫାୟାର ସ୍କ୍ୱାଡ଼ ନିୟୋଜିତ କରିଛୁ, ଯେପରି ଆମେ ପ୍ରତିବର୍ଷ କରିଥାଉ। ଏହି ବର୍ଷ, ଆମର ସାହସୀ ଫାୟାର ସ୍କ୍ୱାଡ଼ ସଦସ୍ୟଙ୍କ ସୁରକ୍ଷା ଏବଂ ଆରାମ ନିଶ୍ଚିତ କରିବାକୁ ଆମେ ଏକ ଅତିରିକ୍ତ ପଦକ୍ଷେପ ମଧ ନେଇଛୁ। ମୁରିବାହାଲ, ବଲାଙ୍ଗୀର, ଦେଓଗାଁ ଏବଂ ପାଟନାଗଡରେ ଆମେ ଆମର ଫାୟାର ସ୍କ୍ୱାଡ଼ର ପ୍ରତ୍ୟେକ ସଦସ୍ୟଙ୍କୁ ଟ୍ରାକ ପ୍ୟାଂଟ, ଟି-ସାର୍ଟ, ଚଷମା, ଜୋତା ଏବଂ ହେଡଲାଇଟ୍ ବଂଟନ କରିଛୁ। ଏହି ଜିନିଷଗୁଡିକ ସେମାନଙ୍କୁ ସୁରକ୍ଷିତ ଏବଂ ଆରାମଦାୟକ ରହିବାକୁ ସାହାଯ୍ୟ କରିବ ଯେତେବେଳେ ସେମାନେ ଆମ ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କୁ ଅଗ୍ନି ବିପଦରୁ ରକ୍ଷା କରିବା ପାଇଁ ନିରନ୍ତର ଯୁଦ୍ଧ କରନ୍ତି। ଆମର ସମସ୍ତ ଫାୟାର ସ୍କ୍ୱାଡ଼ ସଦସ୍ୟଙ୍କୁ ଆମର ଜଙ୍ଗଲକୁ ସୁରକ୍ଷିତ ରଖିବା ପାଇଁ ନିରନ୍ତର ନିଷ୍ଠା ଏବଂ ପ୍ରତିବଦ୍ଧତା ପାଇଁ ଆମେ କୃତଜ୍ଞତା ଜଣାଉଛୁ। ଆମେ ମଧ ଆମର ସମସ୍ତ ବାସିନ୍ଦା ଏବଂ ପରିଦର୍ଶକଙ୍କୁ ଗ୍ରୀଷ୍ମ ଋତୁରେ ସତର୍କ ଏବଂ ସଜାଗ ରହିବାକୁ ମନେ ପକାଇବାକୁ ଚାହିଁବୁ। ଦୟାକରି ଜଙ୍ଗଲରେ ନିଆଁ ଜଳାନ୍ତୁ ନାହିଁ ଏବଂ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ଧୂଆଁ ଦେଖିଲେ ତୁରନ୍ତ ଆମ ଜଙ୍ଗଲ ଅଧିକାରୀଙ୍କୁ ଜଣାନ୍ତୁ। ଏକତ୍ର, ଆମେ ସମସ୍ତଙ୍କ ପାଇଁ ଏକ ନିରାପଦ ଏବଂ ସୁସ୍ଥ ଜଙ୍ଗଲ ଦିଗରେ କାର୍ଯ୍ୟ କରିପାରିବା।

# ଏ ବର୍ଷ ବିଦ୍ୟୁତ୍‌କାଟ ହେବନି

## ଦର ବୃଦ୍ଧି ନ କରିବାକୁ ସରକାରଙ୍କ ପ୍ରସ୍ତାବ, ୨୩ରେ ଆସିବ ଓଇଆରସିଙ୍କ ରାୟ

ଭୁବନେଶ୍ୱର , ୨୧/୦୩ (ନି.ପ୍ର): ଗ୍ରାହକଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ କରିବାକୁ ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବିତରଣ କ୍ଷେତ୍ରରେ ଶକ୍ତି ବିଭାଗ ଅନେକ ପଦକ୍ଷେପ ନେଇଛି। ରାଜ୍ୟର ଶକ୍ତି ନିରାପତ୍ତା ସୁନିର୍ଶ୍ଚିତ କରିବାକୁ ୨୦୧୯ରେ ଓପିଜିସି ଏହାର ଉତ୍ପାଦନ କ୍ଷମତାକୁ ୧,୩୨୦ ମେଗାୱାଟ୍‌କୁ ବୃଦ୍ଧି କରିଛି। ଏବେ ରାଜ୍ୟରେ ପ୍ରାୟ ୭,୨୯୦ ମେଗାୱାଟ୍ ବିଦ୍ୟୁତ୍ ଉପଲବ୍ଧ ଥିବାରୁ ରାଜ୍ୟର ହାରାହାରି ସର୍ବୋଚ୍ଚ ବିଦ୍ୟୁତ୍ ଶକ୍ତି ଚାହିଦା (୪,୫୦୦ରୁ ୫,୦୦୦ ମେଗାୱାଟ୍) ସୁରୁଖୁରୁରେ ପୂରଣ ହୋଇପାରୁଛି। ଗ୍ରାହକଙ୍କୁ କମ୍ ଦରରେ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ବଦ୍ଧପରିକର। ତେଣୁ ଗ୍ରାହକଙ୍କ ସ୍ୱାର୍ଥକୁ ନଜରରେ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଦର ବୃଦ୍ଧି ନ କରିବାକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ନିକଟରେ ରାଜ୍ୟ ସରକାର ପ୍ରସ୍ତାବ ରଖିଛନ୍ତି, ଯାହାର ରାୟ ଆସନ୍ତା ୨୩ ତାରିଖରେ ଓଇଆରସି ଶୁଣାଇବେ। ଏଥିସହ ପିକ୍ ସମୟରେ ବିଦ୍ୟୁତ୍ କାଟ୍ ନ କରିବାକୁ ବିତରଣ ସଂସ୍ଥାଗୁଡ଼ିକୁ କୁହାଯାଇଛି। ମଝିରେ ମଝିରେ ଯେଉଁ ବିଦ୍ୟୁତ୍ କଟୁଛି ତାହା ବିଦ୍ୟୁତ୍ କାଟ ନୁହେଁ। ବରଂ ୩୩ କେଭି, ୧୧କେଭି ଓ ଏଲ୍‌ଟି ଲାଇନ୍‌ରେ ମରାମତି ପାଇଁ ବିଦ୍ୟୁତ୍ କାଟିବାକୁ ପଡୁଛି ବୋଲି ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି।



ଗୀତଗୋବିନ୍ଦ ସଦନରେ ଆୟୋଜିତ ଶକ୍ତି ବିଭାଗ ବଜେଟ୍ ୨୦୨୩-୨୪ ସଂପର୍କିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ଦେବ କହିଛନ୍ତି ଯେ ଉପାନ୍ତ ଅଞ୍ଚଳରେ ସୃଷ୍ଟି ହେଉଥିବା ଲୋ-ଭୋଲଟେଜ୍ ସମସ୍ୟାର ସମାଧାନ ପାଇଁ ବଜେଟ୍‌ରେ ଯଥାସାଧ ବ୍ୟବସ୍ଥା ହୋଇଛି। ଭୋଲଟେଜ୍‌ରେ ଉନ୍ନତି ପାଇଁ ୨୦୨୪ ମାର୍ଚ୍ଚ ସୁଦ୍ଧା ୧୦୦ରୁ ଅଧିକ ୩୩/୧୧ କେଭି ସବ୍-ଷ୍ଟେସନ୍ କାର୍ଯ୍ୟକ୍ଷମ ହେବ। ଏଥିସହ ବିପର୍ଯ୍ୟୟ ନିରୋଧୀ ଶକ୍ତି ଭିତ୍ତିଭୂମି ନିର୍ମାଣ ପାଇଁ, ରେଡିଆଲ୍ ଟୁ ରିଙ୍ଗ୍ କନଭର୍ସନ୍ ପ୍ରୋଜେକ୍ଟର ଦ୍ୱିତୀୟ ପର୍ଯ୍ୟାୟ, ରାଜଧାନୀ ଅଞ୍ଚଳରେ ଶକ୍ତି ଭିତ୍ତିଭୂମି ଉନ୍ନତିକରଣ ଓ ବିପର୍ଯ୍ୟୟ ନିରୋଧୀ ଶକ୍ତି ବ୍ୟବସ୍ଥା ଭଳି ଯୋଜନା କାର୍ଯ୍ୟକାରୀ କରିବାକୁ ସ୍ଥିର ହୋଇଛି। ନୂତନ ଯୋଜନା ଭାବେ ସବୁଜ ଶକ୍ତି ପରିବହନ କରିଡର ଓ ଓଡ଼ିଶା ନବୀକରଣୀୟ ଶକ୍ତି ବିକାଶ ପାଣ୍ଠି ଲାଗି ୫୦ କୋଟି ଲେଖାଏ ବ୍ୟୟବରାଦ ହୋଇଛି। ପରିଣାମ ସ୍ୱରୂପ ୨୦୩୦ ସୁଦ୍ଧା ଆମେ ୧୦ ହଜାରରୁ ଅଧିକ ମେଗାୱାଟ୍ ଅକ୍ଷୟ ଶକ୍ତିରୁ ବିଦ୍ୟୁତ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛୁ। ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ ମଧରେ ଓଡ଼ିଶା ବିଦ୍ୟୁତ ବିତରଣ ସଶକ୍ତିକରଣ କାର୍ଯ୍ୟକ୍ରମ ଲାଗି ୮୩୨.୫ କୋଟି, ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତ ବ୍ୟବସ୍ଥା ଉନ୍ନତୀକରଣ ଯୋଜନା ଲାଗି ୩୬୪.୯୮ କୋଟି, ବିପର୍ଯ୍ୟୟ ନିରୋଧୀ ଶକ୍ତି ବ୍ୟବସ୍ଥା ପାଇଁ ୧୦୦ କୋଟି ବ୍ୟୟବରାଦ କରାଯାଇଛି। ରାଜ୍ୟର ସମସ୍ତ ହାଇସ୍କୁଲରେ ଶକ୍ତି କ୍ଲବ ଗଠନ କରିବା ପାଇଁ ପ୍ରସ୍ତାବ ରହିଛି। ୨୦୨୩ ଅଗଷ୍ଟ ସୁଦ୍ଧା ବିଦ୍ୟୁତ୍ ସେବାରୁ ବଞ୍ଚିତ ସମସ୍ତ ପରିବାରକୁ ବିଦ୍ୟୁତ୍‌କରଣ କରିବା ଲାଗି ୧୫୦ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ସେ ସୂଚନା ଦେଇଥିଲେ।

ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଲେ ଗ୍ରିଡକୋ ୟୁନିଟ୍ ପିଛା ହାରାହାରି ୩.୧୨ ଟଙ୍କାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଡିସକମ୍‌ମାନଙ୍କୁ ବଲ୍କରେ ଶକ୍ତି ଯୋଗାଉଛି, ଯାହା ସର୍ବଭାରତୀୟସ୍ତରଠାରୁ ବହୁତ କମ୍। ୨୦୨୨ ଡିସେମ୍ବର ୩୧ ସୁଦ୍ଧା, ଗ୍ରିଡକୋର ବକେୟା ଦେୟ ପାଖାପାଖି ୬ ହଜାର ୫୦୦ କୋଟି ଟଙ୍କା ରହିଛି। ତେଣୁ ରାଜ୍ୟ ସରକାର ଗ୍ରିଡକୋକୁ ବାର୍ଷିକ ୫% ସୁଧହାରରେ ଓ ୫ ବର୍ଷର ମୋରାଟୋରିଅମ୍ ଅବଧିରେ ଋଣ ଦେବା ଆରମ୍ଭ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ୭୦୦ କୋଟି ଟଙ୍କା ଋଣ ପ୍ରଦାନର ପ୍ରସ୍ତାବ ଦିଆଯାଇଛି। ଓପିଜିସିକୁ ୧୩୮ କୋଟି ଓ ଓପିଟିସିଏଲ୍‌କୁ ୧୦୦ କୋଟି ଟଙ୍କାର ଅଂଶଧନ ପ୍ରଦାନ କରାଯାଇଛି।

## ରୁଷିଆ ନଗରରେ ମୌଳିକ ସୁବିଧା ଯୋଗାଇ ଦିଆଯାଉ

ଜୟପୁର, ୨୧/୦୩ (ନି.ପ୍ର): ଜୟପୁର ପୌରାଂଚଳର ରୁଷିଆ ନଗରରେ ମୌଳିକ ସୁବିଧା ଯୋଗାଇବାକୁ ଦାବି ହୋଇଛି । ଏନେଇ ସମାଜସେବି ବି. ହରି ରାଓଙ୍କ ନେତୃତ୍ୱରେ ସାହି ବାସିନ୍ଦା ଜୟପୁର ପୌରପାଳିକାର ଦ୍ୱାରସ୍ଥ ହୋଇଛନ୍ତି । ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଦାବି ପତ୍ର ପ୍ରଦାନ କରିଛନ୍ତି ।

ଏହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ପୌରପାଳିକାର ରୁଷିଆ ନଗରରେ ରାସ୍ତାର ଅବସ୍ଥା ଅତି ଶୋଚନିୟ ଅବସ୍ଥାରେ ରହିଛି । ପାନୀୟ ଜଳ ନିମନ୍ତେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଲୋକେ। ଏହି ଅଂଚଳରେ ବିଦ୍ୟୁତର ବ୍ୟବସ୍ଥା ନାହିଁ । ଏହି ରୁଷିଆ ନଗରରେ ୬୦ ପରିବାର ବସବାସ କରୁଛନ୍ତି । ଜୟପୁର ପୌରାଂଚଳରେ ଥାଇ ମଧ ମୌଳିକ ସୁବିଧାରୁ ବଂଚିତ ହୋଇଛନ୍ତି । ତେଣୁ ପୌରପାଳିକା ପକ୍ଷରୁ ପକ୍କା ରାସ୍ତା, ପାନିୟଜଳ ନିମନ୍ତେ ନଳକୂପ ଓ ବିଦ୍ୟୁତ ବ୍ୟବସ୍ଥା କରାଯାଉ ବୋଲି ଦାବି କରାଯାଇଛି ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି, ୨୧/୦୩ (ନି.ପ୍ର): ମାଲକାନଗିରିରେ ୮୮ତମ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ମଂଚାସୀନ ଥିଲେ। ଓଡ଼ିଶା ଦିବସକୁ ଆଡମ୍ବର ଓ ସଫଳତାର ସହ ପାଳନ କରିବା ପାଇଁ ଶ୍ରୀ ସାହୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏପ୍ରିଲ ପହିଲା ପ୍ରାତଃ ୫ଟାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ଉତ୍କଳ ବନ୍ଦନା ବଜାଯାଇ ସହର ପରିକ୍ରମା କରାଯିବ। ଉକ୍ତ ଦିନ ପୁରୁଣା କୋର୍ଟ ପରିସରରେ ପୂର୍ବାହ୍ନରେ ଏକ ସା ଧାରଣ ସଭା କାର୍ଯ୍ୟ ଆୟୋଜନ କରାଯିବ। ନିଜ କାର୍ଯ୍ୟାଳୟ ଓ ବିଦ୍ୟାଳୟ ପରିସର ଏବଂ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତୀରେ ଜିଲ୍ଲାର ପଦାଧିକାରୀ ମାନେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମାଲ୍ୟାର୍ପଣ କରିବେ। ସେହିପରି ଜିଲ୍ଲାର ସମସ୍ତ ବ୍ଲକ, ତହସିଲ, ଗ୍ରାମ ପଂଚାୟତ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ମାନଙ୍କରେ ଓଡ଼ିଶା ଦିବସ ପାଳନ କରିବାକୁ କୁହାଯାଇଛି। ସମସ୍ତ ସରକାରୀ ଅନୁଷ୍ଠାନକୁ ବିଭିନ୍ନ ରଙ୍ଗର ଆଲୋକମାଳାରେ ସୁସଜ୍ଜିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚବିଦ୍ୟାଳୟ ଓ ମହା ବିଦ୍ୟାଳୟ ସ୍ତରରେ ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା ଆୟୋଜନ ହେବ । ବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ।

## କୋଟଗଡ ଦୁର୍ଗମ ଅଂଚଳରେ ଜନସମ୍ପର୍କ ଶିବିର ଅନୁଷ୍ଠିତ

କନ୍ଧମାଳ , ୨୧/୦୩ (ନି.ପ୍ର): କୋଟଗଡରେ ଦୁର୍ଗମ ଅଂଚଳରେ ସିଆରପିଏଫ୍ ୮ମ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ କନ୍ଧମାଳ ଜିଲ୍ଲାର ଦୁର୍ଗମ ଅଂଚଳ କୋଟଗଡ଼ ବ୍ଲକ୍ ଅନ୍ତର୍ଗତ ଯୁବାଗୁଡ଼ା ଗ୍ରାମ ପଂଚାୟତରେ ସିଆରପିଏଫ୍ ୮ମ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଂଟ ବି.ପି. ଭରଦ୍ୱାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆସିଷ୍ଟଂଟ୍ କମାଣ୍ଡାଂଟ ଏସ୍.କିରଣ ମଧୁକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବାଗୁଡ଼ା ଚର୍ଚ୍ଚର ଫାଦର, ସିଷ୍ଟରଙ୍କ ସମେତ ଆଖପାଖ ପ୍ରାୟ ୧୦ଟି ଗାଁ ବଡଜାଲ, ଟିଆମା, ମାଟିକେଡ଼ା, ବିଆରମହା, ଗୋହିରିଗାଁ, ଟୀକାରୀ ଗାଁ, ସାନ୍ଧିହା, ବାସୁରୀ ଗାଁ, ବୁଢ଼ା ବିଅର ମାହା, ବୁଟାଲୀ ର ଲୋକେ ଯୋଗଦେଇଥିଲେ ।

# ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଭାଗ ନେଇ ଫେରିଲେ ଛାତ୍ରଛାତ୍ରୀ

ମାଲକାନଗିରି, ୨୧/୦୩ (ନି.ପ୍ର): ଭାରତୀୟ ରେଡ କ୍ରସ ସଂସ୍ଥାର ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ଏହାର ଯୁବ ରେଡ୍ କ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଏକ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ୩୦ଟି ଜିଲ୍ଲା ଓ ଭୁବନେଶ୍ୱର ଅଂଚଳର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧମିକ ବିଦ୍ୟାଳୟର ଯୁବ ରେଡ କ୍ରସ ସ୍ୱେଚ୍ଛାସେବୀ ମାନଙ୍କ ମଧରୁ ବଛାଯାଇଥିବା ୨୯୦ ସ୍ୱେଚ୍ଛାସେବୀ ଓ ୫୮ ଜଣ ପରାମର୍ଶଦାତା ଯୋଗଦାନ କରିଥିଲେ। ମାଲକାନଗିରି ଜିଲ୍ଲାର ବାଲିମେଳା ମହାବିଦ୍ୟାଳୟରୁ ଟିନା ମିତ୍ର, ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟ, ଗୋବିନ୍ଦପାଲିରୁ ମୋନାଲିସା ମହାନ୍ତି, ଡାରୱିନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରୁ ପବିତ୍ର ମୁଦୁଲି ଓ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ମାଲକାନଗିରିରୁ ଜ୍ୟୋତି ପୁସରୁ ଏହି ଶିବିରରେ ଭାଗ ନେଇଥିଲେ। ତା ୧୬.୦୩.୨୦୨୩ ରୁ ୧୮.୦୩.୨୦୨୩ରିଖ ମଧରେ ଅନୁଷ୍ଠିତ ଏହି ଶିବିରରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଯୁବ ରେଡ କ୍ରସ ଶାଖାର ଅଧକ୍ଷ ଅଶୋକ କୁମାର ଷଡଙ୍ଗୀ ତା୧୭.୦୩.୨୦୨୩ରିଖ ଦିନ ପରିଦର୍ଶନ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏହି ଶିବିରର ଉଦ୍ଘାଟନ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୁଜାରୀ କରିଥିବାବେଳେ ଉଦଯାପନୀ ଉତ୍ସବରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦାନ କରିଥିଲେ। ରେଡ କ୍ରସ ରାଜ୍ୟ ଶାଖାର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ଯୁବ ରେଡ କ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ ଯୁବ ରେଡ୍ କ୍ରସର ଆଭିମୁଖ୍ୟ, ପ୍ରାଥମିକ ଚିକିତ୍ସା, ଯୁବ ନେତୃତ୍ୱ ନିର୍ମାଣ, ମାନସିକ ସ୍ୱାସ୍ଥ୍ୟ, ରକ୍ତ ଦାନ, ସଡ଼କ ସୁରକ୍ଷା ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସଫଳ ଭାବେ ଶିବିରଟି ଶେଷ କରି ମାଲକାନଗିରି ଦଳ ଏହାର ତତ୍ତ୍ୱାବଧାରକ ଡି ଆଶିଷ ରାଠୋରଙ୍କ ସହ ଫେରି ଆସିଛି। ଜିଲ୍ଲା ଯୁବ ରେଡ୍ କ୍ରସ ଆବାହକ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ହେଲ୍ପମେଟ୍ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆଭାଷା ଦିବସ ପାଳିତ

ପୁରୀ, ୨୧/୦୩ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ହେଲ୍ପମେଟ୍ ଓ ସଂସ୍କୃତି ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆଭାଷ ଦିବସ ଯୁଥ ହଷ୍ଟେଲ ସଭାଗୃହରେ ପାଳିତ ହୋଇଯାଇଛି। ଜାଗ୍ରତ ହେଉ ଭାଷାପ୍ରୀତିକୁ ନେଇ ବର୍ଣ୍ଣବୋଧ ପୁସ୍ତକ ଉପରେ ବସ୍ତି ଅଂଚଳରେ ସଚେତନତା କରାଯାଇଥିଲା। ବିଦ୍ୟାଳୟ ମାନଙ୍କରେ ଶୁଦ୍ଧ ଲିଖନ, ପଠନ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ନିରବଚ୍ଛିନ୍ନ ସାହିତ୍ୟ ସାଧନା ପାଇଁ ସୁଜାତା ସିହ୍ନା, ସଂସ୍କୃତିପ୍ରେମୀ ଆଲୋକ ମହାପାତ୍ର ଓ ଶେଷଦେବ ସାହୁଙ୍କୁ ସଂସ୍କୃତି ସାରଥୀ ସମ୍ମାନ ପ୍ରଦାନ କରାଯାଇଥିଲା । ଭୁବନେଶ୍ୱର ଓ ଶ୍ରୀକ୍ଷେତ୍ର କବିମାନଙ୍କୁ ନେଇ କବିତା ପାଠ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜୟଶ୍ରୀ ପଟ୍ଟନାୟକ ଓ ସଂଧାରାଣୀ ପୃଷ୍ଟି ସଂଯୋଜନା କରିଥିଲେ । ମୁଖ୍ୟବକ୍ତା ଭାବେ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର,ସମାଜସେବୀ ଚକ୍ରଧର ମହାପାତ୍ର,ମାନସ ମେଥିଳୀ କୃଷ୍ଣପ୍ରିୟା ଦାସ ପ୍ରମୁଖ ଯୋଗ ଦେଇଥିଲେ । ଦ୍ୱିତୀୟ ସୋପାନ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି,ଭାଷା ସାହିତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ କେଉଁ କେଉଁ ମାନଦଣ୍ଡ ରହିଥିଲା ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଣ୍ଡାମାନ ନିକୋବରର ପ୍ରଫେସର ଡ଼କ୍ଟର ରବିନ୍ଦ୍ରନାଥ ରଥ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ଡ଼ଃ ଅଞ୍ଜଳି ତ୍ରିପାଠୀ, ସମ୍ପାଦିକା ନିବେଦିତା ଭଞ୍ଜ, ଶ୍ରୀପର୍ଣ୍ଣା ସମ୍ପାଦକ ଉମାକାନ୍ତ ମହାପାତ୍ର, ନିହାରିକା ପଟ୍ଟନାୟକ ଓ ଦିପ୍ତୀ ମିଶ୍ର ପ୍ରମୁଖ ଯୋଗଦେଇ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ।

# ଓଠ ତଳେ ଓ ଗାଲରେ କଳାଜାଇ ଥିଲେ ମିଳିଥାଏ ଏପରି ସଂକେତ: ଜାଣନ୍ତୁ ଆପଣଙ୍କ ଭାଗ୍ୟ

**ବିଦ୍ୱାନମାନେ କହିଛନ୍ତି ଆମ ଶରୀରରେ ଏପରି ଚିହ୍ନ ରହିଛି ଯାହା ଆମକୁ ଆମ ଭବିଷ୍ୟତ ବିଷୟରେ ସଙ୍କେତ ଦେଇଥାଏ । ତାହା ଭଲ ବି ହୋଇପାରେ ଆଉ ଖରାପ ବି । ଏହି ଚିହ୍ନ କଳାଜାଇ ଆକାରରେ ଆମ ଶରୀରରେ ରହିଥାଏ । ସମୟ ଓ ବୟସ ବଢ଼ିବା ସହ ଏହା ମଧ୍ୟ ବଦଳିଥାଏ । ଆସନ୍ତୁ ଜାଣିବା ଶରୀରର କେଉଁ ସ୍ଥାନରେ କଳାଜାଇ ଥିଲେ କ'ଣ ହୋଇଥାଏ ।**



ହାତର ବିବାହ ରେଖାରେ କଳାଜାଇ : କାହାର କାହାର ବିବାହ ରେଖା କିମ୍ବା ତାର ପାଖାପାଖି ସ୍ଥାନରେ କଳାଜାଇ ଏବଂ ଲାଲଜାଇ ରହିଥାଏ । ଲାଲ୍ ଜାଇ ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ସଫଳ ସଂପର୍କର ସଙ୍କେତ । ଯେଉଁଠି କଳାଜାଇ ତାର ବୀପରିତ ସଙ୍କେତ ଦେଇଥାଏ ।

ବାମ ଗାଲରେ କଳାଜାଇ : ଯେଉଁମାନଙ୍କର ବାମ ଗାଲରେ କାଳାଜାଇ ଥାଏ ସେମାନେ ବହୁତ ଧନୀ ହୋଇଥାନ୍ତି । ମାତ୍ର ସେମାନେ ଅର୍ଥ ସଞ୍ଚୟ କରିପାରିନଥାନ୍ତି ।

ଓଠ ତଳେ କଳାଜାଇ : ଯେଉଁମାନଙ୍କର ଓଠର ତଳେ ଡାହାଣ ପଟେ କଳାଜାଇ ଥାଏ ସେମାନଙ୍କର ସବୁବେଳେ ଅର୍ଥ ଅଭାବ ରହିଥାଏ ।

ବାମ ପାପୁଲିରେ କଳାଜାଇ : ଯେଉଁମାନଙ୍କର ବାମ ପାପୁଲିରେ କଳାଜାଇ ଥାଏ ସେମାନଙ୍କ ଯୁବାବସ୍ଥାରେ ଅର୍ଥାଭାବ ଥାଏ । ମାତ୍ର ଏହା ଏକ ଭଲ ସଙ୍କେତ ଯେ ସେମାନଙ୍କୁ ପରବର୍ତ୍ତୀ ଜୀବନରେ କେବେ ଅର୍ଥର ଅଭାବ ହୋଇନଥାଏ । ତେବେ ଖର୍ଚ୍ଚ ରୋକିବାରେ ସମସ୍ୟା ହୋଇଥାଏ ।

ବାମ ଗୋଡରେ କାଳାଜାଇ : ଯେଉଁମାନଙ୍କର ବାମ ଗୋଡର ଯେକୌଣସି ଜାଗାରେ କଳାଜାଇ ଥାଏ ସେମାନଙ୍କର ଆକସ୍ମିକ ଭାବେ ଖର୍ଚ୍ଚ ହୋଇଥାଏ । କେତେ କଷ୍ଟରେ ଟଙ୍କା ସଞ୍ଚୟ କରନ୍ତି ସେଥିରେ କିଛି ଫରକ ପଡିନଥାଏ । ଶେଷରେ ଉପାର୍ଜିତ ଅର୍ଥ ଖର୍ଚ୍ଚ ହିଁ ହୋଇଯାଇଥାଏ ।

ବିଶି ଆଙ୍ଗୁଠିରେ କଳାଜାଇ : ଯେଉଁମାନଙ୍କର ବିଶି ଆଙ୍ଗୁଠିର ଭିତର ଭାଗରେ କଳାଜାଇ ରହିଛି ସେମାନଙ୍କୁ ଅର୍ଥ ସହ ଜଡିତ ସମସ୍ୟାର ସାମ୍ନା କରିବାର ଆଶଙ୍କା ସବୁବେଳେ ଥାଏ । ଏପରି ପରିସ୍ଥିତି ମଧ୍ୟ ହୋଇଥାଏ ଯେ ସେମାନେ ଯାହା ଉପାର୍ଜନ କରିଥାନ୍ତି ସବୁ ଖର୍ଚ୍ଚ ହୋଇଯାଇଥାଏ ।

ପାପୁଲିର ଅଗ୍ରଭାଗରେ କଳାଜାଇ : ପାପୁଲିର ଅଗ୍ରଭାଗରେ କଳାଜାଇ ଥିଲେ ସେଥିରୁ ଜଣାଯାଏ ଯେ ଆପଣଙ୍କ ସମସ୍ୟା ସମୟରେ ହିଁ ଆପଣଙ୍କ ନିକଟରେ ଟଙ୍କାପଇସା ନଥାଏ । ଆପଣ ଯେତେ ଧନୀ ହୋଇଥିଲେ ମଧ୍ୟ ସବୁବେଳେ ଟଙ୍କାପଇସା ଅଭାବରୁ ମୁସ୍କିଲ ପରିସ୍ଥିତିରେ ଗତି କରିବାକୁ ପଡିବ ।

ବାମ ଭୃଲତାରେ କଳାଜାଇ : ଯେଉଁମାନଙ୍କର ଭୃଲତା ଭିତରେ କଳାଜାଇ କିମ୍ବା ଭୃଲତାର ଅଳ୍ପ ଉପରକୁ କଳାଜାଇ ଥାଏ ତେବେ ସେମାନେ ଶାରିରୀକ ସଂପର୍କ କ୍ଷେତ୍ରରେ ଦୁର୍ବଳ ହୁଅନ୍ତି । ମହତ୍ତ୍ୱପୂର୍ଣ୍ଣ କାମ ପାଇଁ ସେମାନଙ୍କ ନିକଟରେ ଅର୍ଥ ସଙ୍କଟ ଦେଖାଦିଏ । ସେମାନେ ଖୁସି ପାଇଁ ପାଗଳ ଥାଆନ୍ତି । ଫଳରେ ଯେ କୌଣସି ସମୟରେ ଦେବାଳିଆ ହେବାର ଆଶଂକା ଥାଏ ।

ବାମ କାଖରେ କଳାଜାଇ : ଯେଉଁମାନଙ୍କର କାଖରେ କଳାଜାଇ ଥାଏ ସେମାନେ ସ୍ୱାସ୍ଥ୍ୟ ପାଇଁ ସାବଧାନ ରହିବା ଜରୁରୀ । କାରଣ ସେମାନଙ୍କର ରୋଗ ଏବଂ ରୋଗର ଚିକିତ୍ସା ପାଇଁ ଅଧିକ ଅର୍ଥ ଖର୍ଚ୍ଚ ହୋଇଥାଏ ।

ନାକରେ କଳାଜାଇ : ଆପଣ ମଧ୍ୟ ଏକ ସୁଖୀ ଜୀବନର ଆନନ୍ଦ ଉଠାଇପାରିବେ ଏବଂ ଆପଣଙ୍କ ସମସ୍ତ ସ୍ୱପ୍ନ ପୂରଣ କରିପାରିବେ । ମାତ୍ରା ଏହା ବିବାହ ପରେ ହିଁ ସମ୍ଭବ ହେବ । ଆପଣଙ୍କୁ କିଛି ବି ଜିନିଷ କରିବା ପାଇଁ କଠିନ ପରିଶ୍ରମ କରିବାକୁ ହେବ ।

ପାଦ ଗୋଇଠିରେ କଳାଜାଇ : ପାଦ ଗୋଇଠିରେ କଳାଜାଇ ଥିଲେ ବିଦେଶ ଭ୍ରମଣର ସମ୍ଭାବନା ଥାଏ । ଏହା ବିବାହ ପରେ ସଫଳ ଜୀବନର ମଧ୍ୟ ସଙ୍କେତ ।

ଡାହାଣ ଗାଲରେ କଳାଜାଇ : ଯଦି ଆପଣଙ୍କ ଡାହାଣ ଗାଲରେ କେଉଁଠି ବି କଳାଜାଇ ଅଛି ତେବେ ବିବାହ ପରେ ଆପଣଙ୍କ ଭାଗ୍ୟ ହଠାତ୍ ପରିବର୍ତ୍ତନ ହୋଇପାରେ ।

ଦୁଇ ଭୃଲତା ମଝିରେ କଳାଜାଇ : ଯେଉଁମାନଙ୍କର ଦୁଇ ଭୃଲତା ମଝିରେ କଳାଜାଇ ଥାଏ ତାହା ଶୁଭଙ୍କର ହୋଇଥାଏ । ସଫଳତା ମିଳିଥାଏ । ବିବାହ ପୂର୍ବରୁ ସେମାନଙ୍କୁ ଟିକିଏ ଭଲ ପାଇଁ ବି ଅଧିକ ପରିଶ୍ରମ କରିବାକୁ ହୋଇଥାଏ ।

# ପକୋଡ଼ା ମିକ୍ସ ଭେଜ୍

**ସାମଗ୍ରୀ:**

ଗ୍ରେଭି ପାଇଁ- ଏକ ଟିମ୍‌ସ୍ପୁନ୍ ଅଦା ରସୁଣ ପେଷ୍ଟ, ଏକ ପ୍ୟାକେଟ ଟମାଟୋ ପ୍ୟୁରି, ଗୋଟିଏ ପିଆଜ, ୧/୪ ଚାମଚ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ ଓ ଗରମ ମସଲା ଅଧା ଚାମଚ ଲେଖାଏଁ, ଲୁଣ ସ୍ୱାଦ ଅନୁସାରେ, କଟାଯାଇଥିବା ଧନିଆପତ୍ର, ଅଧା ଚାମଚ ଜିରା ଓ ରିଫାଇନ୍ ତେଲ । ପକୋଡ଼ି ପାଇଁ- ଦେଢ଼ ଲେଖାଏଁ, ଚାରି ପାଞ୍ଚଟି ପାଳଙ୍ଗ ପତ୍ର, ଲୁଣ ସ୍ୱାଦାନୁସାରେ, ଏକ ଚୁଟ୍‌କି ସୋଡ଼ା ବାଇକାର୍ବୋନେଟ୍ ଓ ରିଫାଇନ୍ ତେଲ ।



**ପ୍ରଣାଳୀ:**

ପକୋଡ଼ି ପାଇଁ- ବେସନ, ଲୁଣ ଏବଂ ସୋଡ଼ିଅମ ବାଇକାର୍ବୋନେଟ ପାଣିରେ ପକାଇ ଫେଣ୍ଟନ୍ତୁ ଓ ବ୍ୟାଟର ତିଆରି କରନ୍ତୁ । ବର୍ତ୍ତମାନ କଟା ଆଳୁ, ପିଆଜ ଓ ପାଳଙ୍ଗ ବ୍ୟାଟରରେ ପକାଇ ସେହି ମିଶ୍ରଣକୁ ତେଲରେ ଛାଣନ୍ତୁ । ପକୋଡ଼ି ପ୍ରସ୍ତୁତ ହୋଇଗଲା । ଗ୍ରେଭି ପାଇଁ- ଗଡ୍ଡେଇରେ ଏକ ଚାମଚ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏଥିରେ ଜିରା ଏବଂ ପିଆଜ ପକାଇ ଗୋଲ୍ଡେନ-ବ୍ରାଉନ କଲର ହେବା ଯାଏଁ ଭାଜନ୍ତୁ । ଏହାପରେ ଏଥିରେ ଅଦା-ରସୁଣ ପେଷ୍ଟ ପକାଇ ଫ୍ରାଏ କରନ୍ତୁ । ଏଥିରେ ଟମାଟୋ ପ୍ୟୁରି, ଲାଲ ଲଙ୍କା, କଞ୍ଚା ଲଙ୍କା, ଗରମ ମସଲା ଓ ଲୁଣ ପକାଇ ମସଲାରୁ ତେଲ ଛାଡ଼ିବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ଗୋଟିଏ କପ୍ ପାଣି ପକାଇ ସିଝିବାକୁ ଦିଅନ୍ତୁ । ବର୍ତ୍ତମାନ ଏହାକୁ ଚୁଲିରୁ ଓହ୍ଲାଇଆଣି ଏଥିରେ ପକୋଡ଼ି ପକାନ୍ତୁ । କଟା ଧନିଆ ପତ୍ରରେ ଗାର୍ଣ୍ଣିସିଂ କରି ଗରମ ଚପାତି କିମ୍ବା ପରଟା ସହିତ ପରଷନ୍ତୁ ।

# କେକ୍ କାହାଣୀ

ବେକରୀ ଦୋକାନୀ, ଫୁଡ୍ ମାର୍ଟ, ଏ ସବୁ ସ୍ଥାନରେ ଭଳିକିଭଳି ସ୍ୱାଦ କେକ୍ ମିଳିଥାଏ । ଆମେ ଭାରତୀୟ ଜନ୍ମଦିନ, ବିବାହ ବାର୍ଷିକୀ ପରେ ଏବେ ବଡ଼ଦିନ, ନୂଆବର୍ଷକୁ ସ୍ୱାଗତ ପାଇଁ କେକ୍ କାଟିବାକୁ ପ୍ରାଥମିକତା ଦେଉଛେ । ବିଦେଶୀ ରାଷ୍ଟ୍ର ଆମେରିକା, ଇଉରୋପ, ବ୍ରିଟେନ୍, ଅଷ୍ଟ୍ରେଲିଆରେ ଏଇ ସମୟରେ କେକ୍ ବ୍ୟବସାୟ ଲକ୍ଷାଧିକ ଟଙ୍କାର ହେଉଥିବାବେଳେ ଚଳିତ ବର୍ଷ କରୋନା କାରଣରୁ କେକ୍ ବିକ୍ରି ସେଭଳି ମାତ୍ରାରେ ହେଉନଥିବାର ଜଣାପଡ଼ିଛି । ଆମେରିକାରେ ବଡ଼ଦିନ ଅବସରରେ ପଞ୍ଚତାରକା ହୋଟେଲଗୁଡ଼ିକ ଦାମୀ ଡିଜାଇନର କେକ୍ ପ୍ରସ୍ତୁତ କରିଥାନ୍ତି, ହେଲେ ଏଥରକ ସ୍ଥିତି ଅଲଗା । ରୋମାନ୍ ଶାସନ ସମୟରୁ ହିଁ ପ୍ରଥମେ କେକ୍ ତିଆରି ଆରମ୍ଭ ହୋଇଥିବାର ଅନୁମାନ କରାଯାଏ । ସେତେବେଳେ ଅଣ୍ଡା, ଡ୍ରାଏଫ୍ରୁଟସ୍, ମହୁ, ଖିରରେ ହିଁ କେକ୍ ତିଆରି ହେଉଥିଲା, ପରେ ଇଂଲଣ୍ଡରେ ଏହି ଖାଦ୍ୟର ଆଦର ବଢ଼ିଲା । ଇଂଲଣ୍ଡର ସେଫ୍‌ମାନେ କେକ୍‌କୁ ବିଭିନ୍ନ ଆକାର ଦେବା ସହ ସ୍ୱାଦକୁ ମଧ୍ୟ ଗୁରୁତ୍ୱ ଦେଲେ । ୧୭୮୫ ବେଳକୁ ସ୍ପେନ୍, ପୋଲାଣ୍ଡ, ଆମେରିକାରେ ଜନ୍ମଦିନ କେକ୍‌ର ଆଦର ବଢ଼ିଲା । ସେତେବେଳେ କେକ୍ କିଣିବା ଥିଲା ଆଭିଜାତ୍ୟର ପରିଚୟ । ମହଙ୍ଗା ସାମଗ୍ରୀ ଯେପରି ଅଲିଭ ତେଲ, ବଟର, ଡ୍ରାଏଫ୍ରୁଟସ୍ ଇତ୍ୟାଦି ମିଶ୍ରଣରେ ପ୍ରସ୍ତୁତ ହେଉଥିବା କେକ୍‌କୁ କେବଳ ଧନିକବର୍ଗର ଲୋକ ନିଜ ପିଲାଙ୍କ ଜନ୍ମଦଦିନରେ କିଣୁଥିଲେ ।





# ବାହାଘର ସ୍ୱପ୍ନ ଦେଖିବାର ଅର୍ଥ କ'ଣ ? ଜାଣନ୍ତୁ କ'ଣ କହୁଛି ଶାସ୍ତ୍ର



ହିନ୍ଦୁ ଧର୍ମରେ ବାସ୍ତୁ ଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର ପରି ମଧ୍ୟ ଏକ ସ୍ୱପ୍ନ ଶାସ୍ତ୍ର ରହିଛି । ଯେଉଁଥିରେ ଆମେ ଦେଖୁଥିବା ଅନେକ ସ୍ୱପ୍ନର କାରଣ,ପରିଣାମ ଆଦି ବିଷୟରେ ଉଲ୍ଲେଖ କରାଯାଇଛି । ତେବେ ଆମ ସ୍ୱପ୍ନରେ ଆସୁଥିବା ବିଭିନ୍ନ ଘଟଣା ଆମ ଜୀବନ ସହ ଜଡିତ ହୋଇ ରହିଥାଏ । ଦୈନନ୍ଦିନ ଜୀବନରେ ଘଟୁଥିବା କିଛି ଘଟଣା ଅଘଟଣକୁ ନେଇ ମନରେ ଚାଲିଥିବା ଭାବନା ଆଧାରରେ ଆମେ ସ୍ୱପ୍ନ ଦେଖୁ । ହେଲେ ବେଳେ ବେଳେ ଏହି ସ୍ୱପ୍ନ ଆମ ଆଗାମୀ ଭବିଷ୍ୟତର ଅନେକ ସଂକେତ ଦେଇଥାଏ । ତେବେ ସ୍ୱପ୍ନରେ ଦେଖୁଥିବା ଘଟଣାମାନକୁ ବୁଝିବା ପାଇଁ ହିନ୍ଦୁ ଧର୍ମରେ ସ୍ୱପ୍ନ ଶାସ୍ତ୍ର ଲେଖାହୋଇଛି । ଏଥିରେ ସ୍ୱପ୍ନ ଦ୍ୱାରା ହେବାକୁ ଥିବା ଶୁଭ ଅଶୁଭ କଥା ବିଷୟରେ ଉଲ୍ଲେଖ କରାଯାଇଛି । ତାହେଲେ ଚାଲନ୍ତୁ ଜାଣିବା ବିବାହ ସ୍ୱପ୍ନ ଦେଖିବା ଦ୍ୱାରା କଣ ହୋଇଥାଏ ।

ସ୍ୱପ୍ନରେ ବିବାହ ଦେଖିଲେ କଣ ହେବ : ଯଦି ଆପଣ ଅବିବାହିତ ଅଛନ୍ତି ଏବଂ ଆପଣ ସ୍ୱପ୍ନରେ ବିବାହର କିଛି ଦୃଶ୍ୟ ଦେଖୁଛନ୍ତି, ତେବେ ଆପଣ ଜାଣି ରଖନ୍ତୁ ଯେ ଆପଣ ଆଗକୁ ବିବାହ କରିବାକୁ ଯାଉଛନ୍ତି । ଏତତ୍ ବ୍ୟତୀତ ବିବାହ ସ୍ୱପ୍ନ ଏହି ସଂକେତ ମଧ୍ୟ ଦେଇଥାଏ ଯେ ଆପଣ ଭବିଷ୍ୟତରେ କୌଣସି ଏକ ଜିନିଷ ପ୍ରତି ବାନ୍ଧି ହେବାକୁ ଯାଉଛନ୍ତି । ତେବେ ତାହା କୌଣସି ସମ୍ପର୍କ ହେଉ, କିମ୍ବା କ୍ୟାରିୟର ହେଉ ଅଥବା ଜୀବନର କୌଣସି ଗୁରୁତ୍ୱପୂର୍ଣ୍ଣ ରାୟ ହେଉ ।

ପ୍ରେମିକ କିମ୍ବା ପ୍ରେମିକାକୁ ବିବାହ କରିବାର ସ୍ୱପ୍ନ : ସ୍ୱପ୍ନ ଶାସ୍ତ୍ର ଅନୁସାରେ ଯଦି ଆପଣ ସ୍ୱପ୍ନରେ ନିଜ ପ୍ରେମିକ କିମ୍ବା ପ୍ରେମିକାକୁ ବିବାହ କରିବାର ସ୍ୱପ୍ନ ଦେଖୁଛନ୍ତି ତେବେ ଏହାର ଅର୍ଥ ହେଉଛି ଉଭୟଙ୍କ ମଧ୍ୟରେ ସମ୍ପର୍କ ମଜବୁତ ହେବା ସହ ଆଗକୁ ବଢ଼ୁଛି । ଏତତ୍ ବ୍ୟତୀତ ଆପଣ ପରସ୍ପରକୁ ବିବାହ କରିବାର ନିଷ୍ପତି ନେବାକୁ ଯାଉଛନ୍ତି ।

ବିବାହ ପ୍ରସ୍ତୁତି ର ସ୍ୱପ୍ନ; ଯଦି ଆପଣ ସ୍ୱପ୍ନରେ ବିବାହ ପ୍ରସ୍ତୁତିର ସ୍ୱପ୍ନ ଦେଖୁଛନ୍ତି ତେବେ ଏହା ସଂକେତ ଦେଇଥାଏ ଯେ , ଜୀବନରେ ଚାଲୁଥିବା କୌଣସି କଥାକୁ ନେଇ ଆପଣ ଗଭିର ଚିନ୍ତାରେ ଅଛନ୍ତି । ସ୍ୱପ୍ନ ଶାସ୍ତ୍ର ଅନୁସାରେ ବିବାହର ପ୍ରସ୍ତୁତି ଏକ ଚିନ୍ତା ଜନକ ପ୍ରସ୍ତୁତି । ଯାହାଦ୍ୱାରା କୌଣସି ବି ବ୍ୟକ୍ତି ଚିନ୍ତାଗ୍ରସ୍ତ ହୋଇ ପାରନ୍ତି ।

ଅନ୍ୟର ବିବାହ ସ୍ୱପ୍ନ : ଆପଣ ଯଦି ସ୍ୱପ୍ନରେ ଅନ୍ୟ କାହାର ବିଭାଘର ସ୍ୱପ୍ନ ଦେଖୁଛନ୍ତି ତେବେ ଆପଣ କୌଣସି କଥାରେ କାର୍ଯ୍ୟାନୁଷ୍ଠାନ କିମ୍ବା ଦାୟିତ୍ୱ ନେବାକୁ ଯାଉଛନ୍ତି । ତେବେ ଏହି ସ୍ୱପ୍ନ ଦେଖିବା ଏହା ମଧ୍ୟ ସଂକେତ ଦେଇଥାଏ ଯେ ଆପଣ ଆଗକୁ କୌଣସି ସମସ୍ୟାକୁ ନେଇ ସାଙ୍ଗ କିମ୍ବା ପରିବାର ସହ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି ।

# ଗର୍ଭବତୀ ମହିଳାଙ୍କ କିଛି ତ୍ରୁଟି କାରଣରୁ ଜନ୍ମ ନିଅନ୍ତି ଦିବ୍ୟାଙ୍ଗ ଶିଶୁ

ପ୍ରତ୍ୟେକ ଗର୍ଭବତୀ ମା' ଚାହେଁ ଯେ ତା ଗର୍ଭରେ ଥିବା ସନ୍ତାନଟି କିଭଳି ସୁସ୍ଥସବଳ ଜନ୍ମ ହେଉ । କୌଣସି ମା' ଚାହିଁବନି ଯେ ଆସୁଥିବା ପିଲାଟି ଦିବ୍ୟାଙ୍ଗ ହୋଇ ଜନ୍ମ ହେଉ କିନ୍ତୁ ଡାକ୍ତରଙ୍କ କହିବାନୁସାରେ କିଛି କାରଣବଶତଃ ଏଭଳି ଘଟଣା ଘଟିଯାଏ ଯେଉଁଥିରେ ପିଲାଟି ଦିବ୍ୟାଙ୍ଗ ହୋଇ ଜନ୍ମ ନିଏ । ଅଧିକାଂଶ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ର ଅଭାବରେ ଜନ୍ମିଥିବା ପିଲାଟି ଦିବ୍ୟାଙ୍ଗ ହୋଇଯାଏ । ବିଶିଷ୍ଟ ଗାଇନିକ୍ ଡାକ୍ତର ମତରେ ଗର୍ଭବତୀ ଥିବା ସମୟରେ ଜଣେ ମହିଳାଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖାଯାଏ । ହର୍ମୋନରେ ପରିବର୍ତ୍ତନ ଦେଖାଯାଏ । ଏହି ସମୟରେ ମହିଳା ଜଣକ ଅନେକ କିଛି ଖାଇବାକୁ ମନସ୍ଥ କରିଥାନ୍ତି । ଯାହା ମା' ପାଟିକୁ ତ ସୁଆଦିଆ ଲାଗିଥାଏ କିନ୍ତୁ ପେଟରେ ଥିବା ଶିଶୁ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ । ତେବେ ଆସନ୍ତୁ ଜାଣିବା ଯେ ଗର୍ଭବତୀ ସମୟରେ କିଭଳି ନିଜକୁ ସୁରକ୍ଷା ଦେବେ ଯେଉଁଥିରେ ଛୁଆଟି ଦିବ୍ୟାଙ୍ଗ ହୋଇ ଜନ୍ମ ନେବ । ୧ . ଗର୍ଭବତୀ ଜାଣିବା ପରଠାରୁ ହିଁ ମହିଳାଙ୍କୁ ନିଜ ଖାଦ୍ୟପେୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ । ତଟକା ଫଳ ସହ ସବୁଜ ପନିପରିବା ଖାଇବା ଆବଶ୍ୟକ । ଫାଷ୍ଟଫୁଡ୍‌ର ବର୍ଜନ କରିବା ଆବଶ୍ୟକ ଏବଂ ଫଲିକ୍ ଏସିଡ୍ ଯୁକ୍ତ ଖାଦ୍ୟ ଖାଇବା ଦରକାର । ଯାହାଦ୍ୱାରା ମା' ଏବଂ ପିଲା ମଧ୍ୟରେ ରକ୍ତ ଅଭାବର କୌଣସି ଲକ୍ଷଣ ଦେଖାଯିବ ନାହିଁ । ୨ . ଗର୍ଭବତୀ ଥିବା ସମୟରେ ମହିଳାଙ୍କୁ ସଂକ୍ରମଣଯୁକ୍ତ ଲୋକଙ୍କଠାରୁ ଦୂରେଇ ରହିବା ନିତାନ୍ତ ଜରୁରୀ । ଏଥିପାଇଁ ମହିଳାମାନଙ୍କୁ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଯିବାକୁ ବାରଣ କରାଯାଏ । ଯାହାର ପ୍ରଭାବ ଉଭୟ ମା' ଏବଂ ଛୁଆର ସ୍ୱାସ୍ଥ୍ୟ ଉପରେ ପଡିଥାଏ ।



୩ . ଗର୍ଭବତୀ ମହିଳା ଜନଗହଳି ପୂର୍ଣ୍ଣ ସ୍ଥାନ ତଥା ଗାଡିର ପେଁ ପାଁ ଶୋରଶବ୍ଦରୁ ଦୂରେଇ ରହିବା ଆବଶ୍ୟକ । ସହରଠାରୁ ଦୂରରେ ରହିଲେ ଗର୍ଭରେ ଥିବା ଛୁଆଟି ସୁସ୍ଥ ହୋଇଥାଏ । କିନ୍ତୁ ଅଧିକ ଶବ୍ଦ ଛୁଆଟି ଉପରେ ପଡିଲେ ସେ କାଲା ହୋଇ ଜନ୍ମ ହୋଇଥାଏ ।

# ବ୍ଲଡ୍ ପ୍ରେସର ପାଇଁ ରାମବାଣ ଭଳି କାମ କରେ ପୋସ୍ତ



ରୋଷେଇ କରିବା ସମୟରେ ଯେଉଁଭଳି ଭାବରେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ କାଜୁ ପେଷ୍ଟକୁ ବ୍ୟବହାର କରାଯାଏ, ଠିକ ସେହିଭଳି ପୋସ୍ତକୁ ମଧ୍ୟ ବ୍ୟବହାର କରାଯାଏ । ଯାହା ଖାଦ୍ୟର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । କିନ୍ତୁ ଏହା ଶରୀର ପକ୍ଷେ କେତେ ଲାଭଦାୟକ ତାହା ସମସ୍ତେ ଜାଣି ନଥାନ୍ତି । ବାସ୍ତବରେ ପୋସ୍ତ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଲାଭବାନ ହୋଇଥାଏ । ଆଜିକାଲି ଲୋକମାନେ ଏଭଳି ଖାଦ୍ୟ ଖାଉଛନ୍ତି ଯାହା ଦ୍ୱାରା ସେମାନେ ବିରାଟ ରୋଗର ସମ୍ମୁଖୀନ ହେଉଛନ୍ତି । ସେସବୁରୁ ରକ୍ଷା ପାଇବା ପାଇଁ ସେମାନେ ବିଭିନ୍ନ ପ୍ରକାର ଔଷଧ ମଧ୍ୟ ଖାଇଥାନ୍ତି । କିନ୍ତୁ ଏ ସବୁ ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ହୋଇଥାଏ । ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରତିଦିନ ଦୁଇ ଚାମଚ ପୋସ୍ତ ଖାଇବା ନିହାତି ଦରକାର । ଯାହା ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ଏବଂ ସ୍ୱାସ୍ଥ୍ୟ କେବେ ଖରାପ ହୋଇନଥାଏ । ଆସନ୍ତୁ ଜାଣିବା ପୋସ୍ତ ଖାଇବା ଦ୍ୱାରା କେଉଁଭଳି ରୋଗରୁ ମୁକ୍ତି ମିଳିଥାଏ ।

**କୋଷ୍ଠ କାଠିନ୍ୟ-** ଅନେକ ଲୋକଙ୍କର ହଜମ ପ୍ରକ୍ରିୟା ଠିକ ହୋଇ ନଥିବାରୁ ସେମାନେ କୋଷ୍ଠକାଠିନ୍ୟ ରୋଗରେ ପଡ଼ିଥାନ୍ତି । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପୋସ୍ତ ଖାଇବା ଦରକାର । ଏଥିରେ ବହୁ ପରିମାଣରେ ଫାଇବର ରହିଥାଏ, ଯାହା ଏଭଳି ସମସ୍ୟାରୁ ରକ୍ଷା କରିଥାଏ ।

**ବ୍ଲଡପ୍ରେସର-** ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ପୋସ୍ତ ଖୁବ ଲାଭଦାୟକ ହୋଇଥାଏ ଯାହା ସେମାନଙ୍କ ପାଇଁ ଆୟୁର୍ବେଦିକ ଔଷଧ ଭାବେ କାମ କରିଥାଏ । ପୋସ୍ତ ପ୍ରତିଦିନ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ହେବା ସହ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

**ଅନିଦ୍ରା-** ଅନେକ ଲୋକଙ୍କ ନିକଟରେ ନିଦ ନ ଆସିବା ଭଳି ସମସ୍ୟା ବହୁ ମାତ୍ରାରେ ଦେଖାଯାଇଥାଏ । ଯଦି ସେମାନେ ରାତିରେ ଶୋଇବା ପୂର୍ବରୁ କ୍ଷୀର ସହିତ ପୋସ୍ତକୁ ମିଶାଇ ପିଇବେ ତେବେ ଏଭଳି ସମସ୍ୟାରୁ ମୁକ୍ତି ମିଳିଥାଏ ।

**କିଡନୀ ଷ୍ଟୋନ-** ପୋସ୍ତରେ ଓକ୍ସଲେଟ ବହୁ ପରିମାଣରେ ରହିଥାଏ, ଏହା ଶରୀରରୁ ଅତିରିକ୍ତ କ୍ୟାଲସିୟମକୁ ଅବଶୋଷଣ କରି କିଡନୀରେ ପଥର ତିଆରି ହେବାରୁ ରକ୍ଷା କରିଥାଏ । ଏହି ରୋଗରେ ପିଡ଼ିତ ବ୍ୟକ୍ତିମାନେ ପୋସ୍ତ ଖାଇବା ନିହାତି ଦରକାର ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅମୃତପାଲ୍...

ଆମ ଦେଶ ପାଇଁ ବିଭିନ୍ନ ଦିଗରୁ କେତେବେଳେ କେଉଁ ବିପଦ ଘୋଟି ଆସୁଛି, ତାର ହିସାବ ନାହିଁ । ଦୁଷ୍କୃତିକାରୀ ଶକ୍ତି ଓ ଉପାଦାନ ନିଜ ନିଜ ରାସ୍ତାରେ ଅଛନ୍ତି। ଅନେକ ବର୍ଷ ତଳେ ଖଲିସ୍ତାନ ରାଷ୍ଟ୍ର ଗଠନ ଦାବି କରିଆସିଥି ଭିନ୍ଦ୍ରନୱାଲା ଆନନ୍ଦପୁର ସାହେବ ଭିତରେ ଲୁଚି ପଞ୍ଜାବକୁ କେବଳ ନୁହେଁ, ତମାମ୍ ଭାରତରେ କିଭଳି ଜାଲ ବିଛାଇ ଥିଲା, ତାହା ସମସ୍ତେ ଜାଣନ୍ତି । ଶେଷକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ଉଦ୍ୟମରେ ଅପରେସନ୍ ବ୍ଲୁ ଷ୍ଟାର୍ କରାଯାଇ ଆତଙ୍କବାଦୀଙ୍କୁ ନିପାତ କରାଗଲା, ତାହା ସମସ୍ତଙ୍କୁ ଉଣା ଅଧିକେ ଜଣା । ଆଶ୍ଚର୍ଯ୍ୟର କଥା, ବହୁ ଅମୃତପାଲ୍। ତାର ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଇ ସହ ସିଧା ସମ୍ପର୍କ ଥିବାର ପ୍ରମାଣିତ ହୋଇଛି । ଅଳ୍ପଦିନ ବ୍ୟବଧାନରେ ଅମୃତପାଲ୍‌ର ଅଶି ସରିକି ସମର୍ଥକ ଗିରଫ ହୋଇଛନ୍ତି। ଅଧିକରୁ ଅଧିକ ସମର୍ଥକ ଲୁଚାଛପାରେ ରହିଥିବାର ପଞ୍ଜାବ ପୁଲିସ ଜାଣିପାରିଛି । ଅମୃତସରରୁ ଅମୃତପାଲ୍‌କୁ ଗିରଫ କରାଯାଇଛି । ତା'ର ସମର୍ଥକମାନେ ଆସାମ ସମେତ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଥିଲେ, ସେମାନଙ୍କୁ ତଲାସି କରି ଧରାଯାଇଛି । ପୁଲିସ ଓ ପ୍ରଶାସନ ପାଇଁ ଏଭଳି ପରୀକ୍ଷା କିଛି କମ୍ କଠିନ ନଥିଲା। ରାଜ୍ୟର ଇଣ୍ଟରନେଟ୍ ବନ୍ଦ କରାଯାଇ ଅମୃତପାଲ ଓ ତା'ର ସମର୍ଥକମାନଙ୍କୁ ବିପୁଳ ଅସ୍ତ୍ରଶସ୍ତ୍ର ସହ ଧରାଯାଇଛି । ଆଶଙ୍କା କରାଯାଇଛି, ଅଧି ଦୁର୍ଦାନ୍ତ ଅପରାଧୀ ତତ୍ତ୍ୱଙ୍କୁ ଶୀଘ୍ର ଧରାଯିବ। 'ୱାରିସ୍ ପଞ୍ଜାବ ଦେ' ନାମରେ ଗୋଟିଏ ଆତଙ୍କବାଦୀ ସଂଗଠନ ଗଢ଼ିଥିବା ଅମୃତପାଲ ଖଲିସ୍ତାନୀ ଆନ୍ଦୋଳନ ପାଇଁ କାମ କରୁଥିଲା । ତାର ମୂଳ ଚେର ଲମ୍ବିଥିଲା ପାକିସ୍ତାନକୁ । କୁହାଯାଉଛି ଯେ, ପାକ୍ ଗୁଇନ୍ଦା ସଂସ୍ଥା ଆଇଏସ୍ଇ ଠାରୁ ବିପୁଳ ପରିମାଣର ପାଣ୍ଠି ପାଇ ଅମୃତପାଲ୍ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥିଲା। ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ଅମୃତପାଲ୍‌କୁ ଗିରଫ କରାଯିବା ପରେ ତଦନ୍ତ ଭାର ଏନ୍‌ଆଇଏ'କୁ ଅର୍ପଣ କରାଯାଇଛି । ପଞ୍ଜାବ ପୁଲିସ ଚଢ଼ାଉ ବେଳେ ଯେଉଁସବୁ ଦଲିଲପତ୍ର ଜବତ କରିଛି, ତାହା ଦେଶଦ୍ରୋହୀ କାର୍ଯ୍ୟକଳାପର ପ୍ରମାଣ ପାଇଁ ଯଥେଷ୍ଟ । ଯେଉଁ ଜ୍ୟାକେଟ୍‌ଟି ମିଳିଛି, ସେଥିରେ ଲେଖା ଅଛି- ଆନନ୍ଦପୁର ଖାଲସା ଫୋର୍ସ (ଏକେଏଫ୍)। ଅମୃତପାଲ୍ ଆତଙ୍କୀ ସଂଗଠନ ଗଢ଼ିବା ସକାଶେ ପୂରା ଦମ୍ ଲଗାଇ ଦେଇଥିଲା। ପଞ୍ଜାବ ଓ ଆସାମ ସମେତ ବିଭିନ୍ନ ରାଜ୍ୟରେ ଏକେଏଫ୍ ତାର ଜାଲ ବିଛାଇଦେବା ସକାଶେ କାର୍ଯ୍ୟ କରୁଥିଲା । ଶିକ୍ଷିତ ଯୁବକମାନଙ୍କୁ ସଂଗଠନରେ ମୁତୟନ କରିବା ସହିତ ଅଧିକରୁ ଅଧିକ ଉଗ୍ରବାଦୀ କାର୍ଯ୍ୟ ଚଳାଇବା ଦିଗରେ କାମ କରୁଥିଲା ଅମୃତପାଲ୍। ଏହା ଭିତରେ ପୁଲିସ ତାର ପୈତୃକ ଗ୍ରାମରେ ଚଢ଼ାଉ କରିଛି। ସେହି ଗ୍ରାମ (ଜଲ୍ଲୁପୁର)ରେ ଏହା ଭିତରେ ସୁରକ୍ଷା କଡ଼ାକଡ଼ି କରିଦିଆଯାଇଛି । ଅସ୍ତ୍ରସଜ୍ଜିତ ସମର୍ତକମାନଙ୍କୁ ଧରାଯାଇ ସେମାନଙ୍କୁ ଜେରା ଚାଲିଛି। ଅଧିକ ହିଂସା ଓ ବିଭ୍ରାଟ ରୋକିବା ଦିଗରେ ୧୪୪ ଧାରା ଲଗାଯାଇଛି। ପଞ୍ଜାବ ଓ ପଡ଼ୋଶୀ ରାଜ୍ୟରେ ମଧ ନିରାପତ୍ତା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଦିଆଯାଇଛି। ଦେଶର ବିଭିନ୍ନ ସ୍ଥାନରେ ଘୃଣା ସୃଷ୍ଟି ଲାଗି ଯେଉଁଭଳି ଭାଷା ଦିଆଯାଉଛି, ସେଥିରେ ଅଧିକ ଘିଅ ଢାଳୁଛି ଅମୃତପାଲ୍‌ର ଏକେଏଫ୍ । ମୂଳରୁ ଏଭଳି ଉତ୍ପାଟନ କରାନଗଲେ ସ୍ଥିତି ବିଗିଡ଼ି ଯିବାର ଆଶଙ୍କା ବରାବର ରହିଛି । ଇଣ୍ଟରନେଟ୍ ସଂଯୋଗକୁ ବନ୍ଦ କରିଦିଆଯିବା ପଛରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଥିବା ସମସ୍ତଙ୍କୁ ଜଣା। ସାମୟିକ ଯାନ୍ତ୍ରିକ ସମସ୍ୟାକୁ ଟାଳିବା ଓ ବୃହତ୍ ଦୂରଗାମୀ ସିଦ୍ଧାନ୍ତକୁ ସୁନିଶ୍ଚିତ କରିବା ଏଭଳି ନିଷ୍ପତ୍ତିର ଉଦ୍ଦେଶ୍ୟ ହୋଇଥିବ । ତାହା ବାଦ୍ ଘୃଣା ଭାଷଣର ପ୍ରସାରକୁ ରୋକାଯିବା ଲକ୍ଷ୍ୟରେ ଏହା କରାଯାଇଛି । ତାହାଛଡ଼ା ମିଥ୍ୟା ଖବର ଓ ଗୁଜବ ପ୍ରସାର ବିରୋଧରେ ଇଣ୍ଟରନେଟ୍ ସଂଯୋଗ ବିଚ୍ଛିନ୍ନ ନିଷ୍ପତ୍ତି ଅନ୍ୟତମ ଉଦ୍ଦେଶ୍ୟ । 'ୱାରିସ୍ ପଞ୍ଜାବ ଦେ' ସଂଗଠନ ଖଲିସ୍ତାନୀ ଆନ୍ଦୋଳନର ଅନ୍ୟ ରୂପାନ୍ତର । ଭିନ୍ଦ୍ରନୱାଲା ବିରୋଧରେ କରାଯାଇଥିବା ବ୍ଲୁଷ୍ଟାର୍ ଅପରେସନ୍‌ର ପ୍ରତିଶୋଧସ୍ୱରୂପ ଇନ୍ଦିରା ଗାନ୍ଧିଙ୍କୁ ପ୍ରାଣବଳି ଦେବାକୁ ପଡ଼ିଥିଲା । ଅମୃତପାଲ୍ ଭଳି କୁଖ୍ୟାତ ତଥା ଦୁର୍ଦାନ୍ତ ତତ୍ତ୍ୱମାନେ ଲୁଚିଛପି ଯେଉଁ କାର୍ଯ୍ୟକଳାପ ଚଳାଇଛନ୍ତି, ତାହା ପଛରେ ରହିଥିବା ଅପଶକ୍ତିମାନଙ୍କ ବିଷକୁଣ୍ଡର ସର୍ଦ୍ଦାର ଅମୃତପାଲ୍ ହୋଇଥିବା କେବଳ ସମ୍ଭବ ନୁହେଁ, ପ୍ରମାଣସିଦ୍ଧ ।

# ମାତା ଧରିତ୍ରୀ ଓ ପୃଥିବୀର ପରିବେଶ



## ଡକ୍ଟର ରାଜକିଶୋର ମିଶ୍ର

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ସୃଷ୍ଟି । ଏବଂ ଏହି ସୁନ୍ଦର ସୃଷ୍ଟିର ପରିବେଶକୁ ଗଢ଼ିଛନ୍ତି ଭଗବାନ। ପ୍ରକୃତି ବିନା ପରିବେଶ ଏବଂ ପରିବେଶ ବ୍ୟତୀତ ଭଗବାନଙ୍କ ସବ୍ରଶ୍ରେଷ୍ଠ ସୃଷ୍ଟି ସେହି ତଥାକଥିତ 'ଅମୃତସ୍ୟ ପୁତ୍ର'ଗଣ ହେଉଛନ୍ତି ଏହି ଧରିତ୍ରୀ ମାତା ଉପରେ ଆତଯାତ ହେଉଥିବା ଆମ୍ଭେ ସମସ୍ତେ। ଆଜି ହେଉଛି ବିଶ୍ୱ ଧରିତ୍ରୀ ଦିବସ । ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ହେଲା, ଆମେ ବସବାସ କରୁଥିବା ପୃଥିବୀର ପରିବେଶକୁ କିଭଳି ସନ୍ତୁଳିତ ରଖିବା ଏବଂ ସମଗ୍ର ଜୀବଜଗତ ପ୍ରତି ଶ୍ରଦ୍ଧାଶୀଳ ହେବା । ୧୯୭୦ ମସିହା ଫେବୃୟାରୀ ମାସରେ ଧରିତ୍ରୀ ଦିବସର ପାଳନ ନିମିତ୍ତ ଏହାର ଚୂଡ଼ାନ୍ତ ରୂପରେଖ ଜାତିସଂଘକୁ ପଠାଯାଇଥିଲା । ଜାତିସଂଘ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ଦେଇଥିଲେ । ଏଣୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ। ସମ୍ପ୍ରତି ଧରିତ୍ରୀ ଓ ବିଶ୍ୱ ପରିବେଶ ଘୋର ସଂକଟରେ ସମ୍ମୁଖୀନ ହେଉଛି । ଏହାର କାରଣ ହେଉଛି ଆଜି ସବୁ ମାନବୀୟ ମୂଲ୍ୟବୋଧ ଅବକ୍ଷୟ ପଥରେ ଧାବମାନ ହେଉଛି । ସବୁଠି ଭୁଲବୁଝାମଣାର ଶିକାର ପାଲଟୁଛନ୍ତି ସମସ୍ତେ । ସମସ୍ତେ କହୁଛନ୍ତି ଆମ୍ଭେମାନେ ଶାନ୍ତି ଚାହୁଁ କିନ୍ତୁ ଶାନ୍ତି କେଉଁଠି ମିଳିବ ? ଧରିତ୍ରୀ ମାତା ଏବଂ ପରିବେଶ ହେଉଛି ସ୍ୱୟଂ ଜଗତ୍‌ସ୍ରଷ୍ଟା।

ପରିବେଶ ପ୍ରସଙ୍ଗରେ ସାମ୍ପ୍ରତିକ କ୍ଷେତ୍ରରେ ବୁଦ୍ଧିଜିବୀଙ୍କ ଠାରୁ ପରିବେଶବିତ୍, ଲୋକପ୍ରତିନିଧିଙ୍କ ଠାରୁ ଗଣମାଧ୍ୟମ, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଠାରୁ ନାରୀ ମହଲ ସବୁଠି ଉଦ୍‌ବେଗ ପ୍ରକାଶ ପାଉଛି ବିଭିନ୍ନ ପ୍ରସଙ୍ଗରେ । କଥା ଉଠୁଛି, ପରିବେଶକୁ ଭଲପାଇ ଧରିତ୍ରୀ ମାତାର ଛାତି ଉପରେ ଆତଯାତ ହେଉଥିବା କେହି ଅମୃତର ସନ୍ତାନମାନେ ଆଉ କେବେ ତା ଭିତରର ଆକୁଳ ବେଦନାଭରା ପ୍ରାର୍ଥନା ଶୁଣିବାକୁ ସମର୍ଥ ହୋଇପାରିବେ ? ମାଆ କେବେ ତାର ସନ୍ତାନ ମାନଙ୍କୁ ଅଭିଶାପ ଦେଇନଥାଏ । ସେହିପରି ଧରିତ୍ରୀ ମାତା ଯୁଗେ ଯୁଗେ ତାର ସନ୍ତାନ ସଦୃଶ ଆମ୍ଭମାନଙ୍କୁ ସବୁବେଳେ ତାର କ୍ଷମାର ମୂର୍ତ୍ତିମନ୍ତ ସ୍ୱରୂପକୁ ପ୍ରକଟିତ କରି ସଦାସର୍ବଦା କ୍ଷମାମୟୀ ଗରିୟସୀ ମାଆ ଭାବରେ ପୂଜିତ । ପରିବେଶର ଭୟାବହ ପ୍ରଦୂଷଣ ପାଇଁ ଆଜି ସମସ୍ତେ ଉଦ୍‌ବେଗ ପ୍ରକାଶ କରୁଥିଲେ ବି ବାସ୍ତବରେ ଆମ୍ଭମାନଙ୍କ ଆଖିରେ କ'ଣ ସତରେ ଲୁହ ରହିଛି? ନାଁ କୁମ୍ଭୀର କାନ୍ଦଣା ପରି ଆମ୍ଭେମାନେ ଦୁଇଆଖିରୁ ଲୁହ ଗଡ଼ାଇ ଚାଲିଛେ । ତେଣୁ ବର୍ତ୍ତମାନ ବି ସମୟ ରହିଛି ଆସନ୍ତୁ ଧରିତ୍ରୀମାତାକୁ ଭଲ ପାଇବା ଆମ ଆଖପାଖର ପରିବେଶକୁ ଭଲପାଇ ସେମାନଙ୍କ ଆନନ୍ଦ ଓ ପବିତ୍ର ପରିବେଶ ଭିତରେ ନିଜକୁ ହଜାଇ ଦେବା । ଅନେକ ହୁଏତ ଜାଣିନଥିବେ ଆମ୍ଭମାନଙ୍କର ତଥାକଥିତ ପ୍ରଚାର ପ୍ରସାର ଠାରୁ ଦୂରେଇ ଅନେକ ଆଧ୍ୟାତ୍ମିକ ଓ ଶିକ୍ଷା ଅନୁଷ୍ଠାନର ପରିସର ରହିଛି ଯାହାର ଚତୁଃପାର୍ଶ୍ୱରେ ଗଢ଼ିଉଠିଛି ବିଶାଳକାୟ ସବୁଜବନାନୀ ପରିବେଶ। ସେହି ସ୍ଥାନ ମାନଙ୍କରେ ଫୁଟିଛି ଶୋଭନୀୟ ଧରିତ୍ରୀର ସବୁଜିମା। ଆଉ ପିଲାମାନଙ୍କୁ ସଦାସର୍ବଦା ଶିକ୍ଷା ଦିଆଯାଏ ଧରିତ୍ରୀ ମାତା ହେଉଛି ଆମର ବିଶ୍ୱମାତା ଏବଂ ସର୍ବୋପରି ଫୁଲକୁ ଭଲପାଇ ପ୍ରସ୍ଫୁଟିତ ଫୁଲର ମହକକୁ ତା ମାଆର ପଣତରୁ ନଛଡ଼ାଇବା ପରି ଶୋଭନୀୟ ଶିକ୍ଷାକେନ୍ଦ୍ରରେ କେଉଁଠି ଫୁଲକୁ ଛିଣ୍ଡାଯାଏ ନାହିଁ ।

ଆଜି ବିଭିନ୍ନ ଗଣମାଧ୍ୟମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ । ବଡ଼ଖୁସିର କଥା ଆମ ରାଜ୍ୟର ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପରିବେଶକୁ ଓ ଧରିତ୍ରୀମାତାକୁ ଭଲପାଇ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ସହିତ ବୃକ୍ଷରୋପଣ କରି ପିଲାମାନଙ୍କୁ ସବୁଜବନାନୀ ପରିବେଶକୁ ଭଲପାଇବା ପାଇଁ ପରାମର୍ଶ ଦେଉଛନ୍ତି କେବଳ ସେତିକି ନୁହେଁ ଭୁବନେଶ୍ୱରରେ ସେ ଭଲପାଉଥିବା ଦୁଇଟି ପୁଷ୍ପ ଉଦ୍ୟାନକୁ ତାଙ୍କର ସୁଦୂର ବନ୍ଧୁମାନଙ୍କୁ ଦେଖାଇବାକୁ ଭୁଲିନଥାନ୍ତି। ବିଜୁବାବୁ ବି ଜଣେ ପରିବେଶକୁ ଭଲ ପାଉଥିବା ବିଶାଳ ବ୍ୟକ୍ତିତ୍ୱ ଥିଲେ । ରାଜ୍ୟର ପ୍ରଗତି ସହ ଧରିତ୍ରୀ ମାତା ଓ ପରିବେଶର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଆଜି ରାଜ୍ୟରେ ଦ୍ରୁତ ଶିଳ୍ପାୟନର ବିକାଶ ପାଇଁ ଯୋଜନା ଚାଲିଥିବାବେଳେ ସମସ୍ତେ ପରିବେଶ ପ୍ରଦୂଷଣ ପାଇଁ ଗୁରୁତ୍ୱ ପ୍ରଦାନ କରି ପ୍ରଦୂଷଣକୁ ରୋକିବା ସହ ଧରିତ୍ରୀ ମାତା ପାଇଁ ନିଜ ଭଲପାଇବାକୁ ନିଜ ଭାବନା ସହିତ ଏକ କରି ଚାଲିଲେ ଧରିତ୍ରୀ ମାତା ହସିଉଠିବ । ଏକ ସୁନ୍ଦର ଶୋଭନୀୟ ପରିବେଶ ଆମ ସମସ୍ତଙ୍କ ଚତୁଃପାର୍ଶ୍ୱରେ ଆମ ଜୀବନର ପ୍ରଗତି ପାଇଁ ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇବ । ଆଜି ସମଗ୍ର ବିଶ୍ୱରେ ଉତ୍ତପ୍ତ ବସୁଧା ଓ ପାଣିପାଗ ତଥା ପରିବେଶ ଯେଉଁପରି ଭୟଙ୍କର ଭାବେ ବିଷାକ୍ତ ତଥା ପ୍ରଦୂଷଣର ଗୁରୁଗମ୍ଭୀର ଆହ୍ୱାନକୁ ସାମ୍ନା କରୁଛି ତାହା ଆମ ସମସ୍ତଙ୍କୁ ଭଲ ଭାବେ ଜଣା। ଧରିତ୍ରୀକୁ ଭଲ ପାଇବା ଅର୍ଥ ଆମ ସବୁଜିମା ସହିତ ପ୍ରକୃତିକୁ ଭଲ ପାଇବା। ବାସ୍ତବରେ ପ୍ରକୃତି ହେଉଛି ଆମର ମାତା। ଆମ୍ଭମାନଙ୍କ ଭିତରେ ସବୁଜ ପରିବେଶକୁ ଭଲ ପାଇବା ସହ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ସହିତ ପରିବେଶକୁ କିପରି ପ୍ରଦୂଷଣରୁ ମୁକ୍ତ ରଖିବା ଏହି ଆହ୍ୱାନ ଆମ ସମସ୍ତଙ୍କ ଭିତରେ ଜାଗରିତ ହେବା ଉଚିତ। ଖୁସିର କଥା ଆଜିକାଲି ଅନେକ ବ୍ୟକ୍ତିବିଶେଷ ଓ ସଙ୍ଗଠନମାନେ ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି, ସବୁଜିମାକୁ ଭଲ ପାଉଛନ୍ତି ଏପରିକି ଅନେକ କାର୍ଯ୍ୟକ୍ରମରେ ଗଛ ଲଗାଇବା ଓ ଗଛକୁ ବନ୍ଧୁ ଭାବେ ଉପହାର ଦେବା ତଥା ସୁରକ୍ଷା ପାଇଁ ଶପଥ ନେବାର ଯେଉଁ ଦାୟିତ୍ୱ ନିର୍ବାହ କରୁଛନ୍ତି ତାହା ଖୁସିର କଥା। ତେବେ ସବୁକଥାରେ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ। କାରଣ ଏସବୁ ଆହ୍ୱାନକୁ ଆମେ ସମସ୍ତେ ଗ୍ରହଣ କରି ଆମ୍ଭ ମାନଙ୍କ ଜୀବନରେ କାର୍ଯ୍ୟକରେ ପରିଣତ କଲେ ଧରିତ୍ରୀ ଦିବସର ଗୁରୁତ୍ୱ ଯଥାର୍ଥରେ ପ୍ରତିପାଦିତ ହୋଇପାରିବ।


ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ମୋ: ୭୦୦୮୧୮୧୮୨୦


# ଜଳ ସଙ୍କଟ

## ଶେଷଦେବ ବେହେରା



ଜଳ ହିଁ ଜୀବନ । ବାୟୁ ପରି ଜଳ ମଧ ଆମ ଜୀବନ ଧାରଣର ଆଉ ଏକ ଅପରିହାର୍ଯ୍ୟ ପଦାର୍ଥ। ସଂସାରର ସମସ୍ତ ସଜୀବ ପ୍ରାଣୀ ଜଗତ ଜଳ ଉପରେ ନିର୍ଭର କରନ୍ତି। ବାସ୍ତବ କ୍ଷେତ୍ରରେ କହିବାକୁ ଗଲେ ସୃଷ୍ଟିର ଆରମ୍ଭ ଓ ବିଳୟ ଏହି ଜଳରୁ ହିଁ ହୋଇଥାଏ। ଜୀବନ ଠାରୁ ଆରମ୍ଭ କରି କୃଷି, ଶିଳ୍ପ ଓ ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଜଳର ବହୁଳ ଆବଶ୍ୟକତା ରହିଛି। ମାତ୍ର ଅତ୍ୟନ୍ତ ଦୁଃଖ ପରିତାପର ବିଷୟ ବର୍ତ୍ତମାନ ଜଳ ସମସ୍ୟା ଏକ ବୃହତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଉଭା ହୋଇଛି। ବୈଜ୍ଞାନିକ ମାନେ ସର୍ତକ ବାଣୀ ଶୁଣାଇଲେଣି ଯେ 'ଭାରତରେ ଜଳ ସମ୍ପଦର ବିଷମ ସଂକଟ ଉପୁଜିବ। ଏହାର ମୁଖ୍ୟ କାରଣ ଭୂତଳ ଜଳ ନିମ୍ନଗାମୀ। ଯଦି ଏ ପ୍ରକାର ପରିସ୍ଥିତି ଲାଗିରହେ ତେବେ ସମସ୍ତ ପ୍ରାଣୀ ଜଗତ ପ୍ରତି ଚିନ୍ତାର କାରଣ।

ଅନେକ ସ୍ଥାନରେ କୂଅ ଓ ନଳକୂପ ଶୁଖିବାରେ ଲାଗିଲାଣି ଏବଂ ଜନସାଧାରଣ ଘୋର ଅସୁବିଧା ଭୋଗିଲେଣି। ଆମ ପୃଥିବୀ ପୃଷ୍ଠ ଉପରେ ଯେତେ ସବୁ ବର୍ଷା ହୋଇଥାଏ, ପ୍ରକୃତରେ ତା'ର ଇଞ୍ଚେ ଜମି ଉପରେ ଆମେ ମିଟରରୁ ଦେଢ଼ ମିଟର ଉଚ୍ଚରେ ବର୍ଷା ଜଳ ପାଇଥାଉ। ଏହି ଜଳ ସାଧାରଣତଃ ବର୍ଷା ଋତୁର ଚାରି ମାସ ମଧ୍ୟରେ ହିଁ ହୋଇଥାଏ। ଆକାଶରୁ ପଡୁଥିବା ଜଳ ବିନ୍ଦୁ ବିନ୍ଦୁ ହୋଇ ମାଟି ଭିତରକୁ ଯାଏ ଓ ଭୂମି ତଳେ ଜମା ହୋଇ ଜଳସ୍ତର ସୃଷ୍ଟି କରେ; ମାତ୍ର ଭୂତଳ ଜଳ ଏତେ ପରିମାଣରେ ମାଟି ତଳେ ଆସିଲା କେଉଁଠାରୁ? ଆମେ ଯେଉଁ ଭୂଜଳ ପାଉଛୁ ବର୍ଷେ କି ଦୁଇ ବର୍ଷର ଜଳ ନୁହେଁ ବରଂ ଏହା ଲକ୍ଷ ଲକ୍ଷ ବର୍ଷ ତଳର ସଂରକ୍ଷିତ ଜଳ। ମାତ୍ର ଆଗ କାଳରେ ନଳକୂପ ଖୋଳିବା ନିମନ୍ତେ ଅତ୍ୟାଧୁନିକ ଆବଶ୍ୟକୀୟ ଯନ୍ତ୍ରପାତି ଓ ପମ୍ପ ଉତ୍ତୋଳନ ପାଇଁ ଉଦ୍ଭାବନ ହୋଇ ନ ଥିବାରୁ ଭୂପୃଷ୍ଠର ଗଭୀରତାରୁ ଜଳ ବାହାର କରିବା ଆଦୌ ସମ୍ଭବ ପର ହୋଇ ପାରୁ ନ ଥିଲା। ତେଣୁ ସେହି ସମୟରେ ପ୍ରଚୁର ପରିମାଣରେ ଜଳ ମାଟି ତଳେ ସଞ୍ଚିତ ହୋଇ ରହୁଥିଲା। ଫସଲ ଉତ୍ପାଦନ ଅନୁଯାୟୀ ସବୁ ସମୟରେ ଜଳ ଉପରେ ଚାଷୀ ନିର୍ଭର ଚଳିବା ସଙ୍ଗେ ସଙ୍ଗେ ଅତି ସହଜରେ ଜୀବନ ଧାରଣ କରି ଆସୁଥିଲା। ଯଦି ଆମର ଭୂଜଳ ସରି ଯିବ ସମସ୍ତ ପ୍ରକାର ବୃକ୍ଷ ପୃଥିବୀ ପୃଷ୍ଠରୁ ଅପସରି ଯିବେ। ତେଣୁ ଅବିଳମ୍ବେ ଘୋର ଖାଦ୍ୟ ସଙ୍କଟ ଦେଖା ଦେବ। ତାପମାତ୍ରା ବୃଦ୍ଧି ହୋଇ ଚାରିଆଡେ ମରୁଭୂମି ସୃଷ୍ଟି ହେବ।

ଧାନ ଚାଷ ପାଇଁ ପ୍ରଚୁର ଜଳର ଆବଶ୍ୟକ ହୋଇଥାଏ। ଏକ ଆକଳନ ଅନୁସାରେ ଧାନ ଚାଷ ପାଇଁ ଏକ କେ.ଜି ଧାନ ଅମଳ ନିମନ୍ତେ ପ୍ରାୟ ୪୦୦୦-୫୦୦୦ ଲିଟର ଜଳ ଆବଶ୍ୟକ ହୋଇଥାଏ। ୧୯୭୦ ଦଶକରେ ଭୂପୃଷ୍ଠରୁ ପ୍ରାୟ୧୫-୨୦ ଫୁଟ ଗଭୀରତାରୁ ଭୂତଳ ଜଳ ଉପଲବଧ ହେଉଥିଲା ଏବଂ ୩୫-୪୦ ଫୁଟ ଗଭୀରତାର ନଳକୂଅ ଖୋଳି ଲଗାଇବା ଯଥେଷ୍ଟ ହେଉଥାଏ। ବର୍ତ୍ତମାନ ଆମ ରାଜ୍ୟରେ ୧୦୦-୩୦୦ ଫୁଟ ଗଭୀରତା ପର୍ଯ୍ୟନ୍ତ ପାଣି ଟାଣିବା କ୍ଷମତା ସଂପନ୍ନ ପମ୍ପ ମାନ ବ୍ୟବହାର କରାଯାଉଛି। ତଥାପି ଖରାଦିନେ ଗାଁ ଗୁଡିକରେ ଥିବା ନଳ କୂଅ ଅଚଳ ହୋଇ ପଡୁଛି। ପାଣି ଟୋପାଏ ପାଇଁ ତହଳ ବିକଳ ହୁଅନ୍ତି। ଜଳାଶୟ ଗୁଡ଼ିକ ଶୁଖି ଗଲା ପରେ ବନ୍ୟଜନ୍ତୁ ପଶୁପକ୍ଷୀ ସମସ୍ତେ ପାଣି ପିଇବା ପାଇଁ ଚାରିଆଡେ ଘୁରି ବୁଲିଥାନ୍ତି। ଖାଲି ସେତିକି ନୁହେଁ ଭୂତଳ ଜଳସ୍ତର ଖସିବାକୁ ଲାଗିଲେ ମାଟିର ଉପରି ଭାଗର ମୃତ୍ତିକା ତା'ର ଆଦ୍ରତା ଓ ସାନ୍ଦ୍ରତା ହରାଇ ବସେ। ଗାଁ ରେ ରହୁଥିବା ଲୋକମାନେ ପାନୀୟ ଜଳ ପାଇଁଭୂଜଳ ବ୍ୟବହାର କରିଥାନ୍ତି। ଯଦି ଗ୍ରାମରୁ ଭୂଜଳ ସରିଯିବ ତାହାହେଲେ ସରକାରଙ୍କ ଦ୍ୱାରା ଟ୍ୟାଙ୍କର ଓ ପାଇପ ମାଧ୍ୟମରେ ସବୁ ଗ୍ରାମକୁ ଜଳ ଯୋଗାଇବା ସମ୍ଭବ ପର ନୁହେଁ। ସମସ୍ତ ଘରୁ ବର୍ଷା ଜଳ (ଜଳ ଅମଳ ପ୍ରକଳ୍ପ) ମାଧ୍ୟମରେ ସଂଗ୍ରହ କରି ତାକୁ ବିଭିନ୍ନ କାମରେ ଲଗାଇଲେ ଭୂଜଳ ବ୍ୟବହାର କମିଯିବ ଓ ଭୂଜଳ ସ୍ତର ବଜାୟ ରହିବ ଏବଂ ଘର ଛାତରୁ ସଂଗୃହିତ ଜଳରୁ ଭୂଜଳ ଭରଣ ପାଇଁ କୃଷି, ଶିଳ୍ପ ଆଦି କାର୍ଯ୍ୟରେ ଛଡା ଯାଇ ପାରିବ।

ଆମ ଦେଶରେ ଭୂତଳ ଜଳସ୍ତର ଦ୍ରୁତ ଗତିରେ ନିମ୍ନ ଗାମୀ ହେଉଥିବାରୁ କିପରି ତା'ର ସଂରକ୍ଷଣ କରାଯାଇପାରିବ ତାହା ଚିନ୍ତାର ବିଷୟ। ଜଳର ଚାହିଦା ଦ୍ରୁତ ଗତିରେ ବଢୁଥିବାରୁ ଓ ଦେଶର ଅଧିକାଂଶ ଅଞ୍ଚଳରେ ଭୂତଳ ଜଳ ସ୍ତର ବିପଦଜନକ ସ୍ତରକୁ ଖସି ଆସିବା କାରଣରୁଏହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦରକାର। ପ୍ରାୟ ୮୫% ପାନୀୟ ଜଳ ଭୂତଳ ଜଳରୁ ମିଳୁଥିବା ବେଳେ ଜଳ ସେଚନ ପାଇଁ ବ୍ୟବହୃତ ୬୫% ଜଳ ବ୍ୟବହାର କରାଯାଉଛି। ଆମ ଦେଶରେ ବିଭିନ୍ନ ଛୋଟ ଛୋଟ ନଦୀ ପାଖରେ ଡ୍ୟାମ ସବୁ ରହିଛି। ଏହି ଛୋଟ ଡ୍ୟାମ ଗୁଡ଼ିକ ଭୂପୃଷ୍ଠର ଜଳ ସଞ୍ଚୟ ସହିତ ଭୁଗର୍ଭସ୍ଥ ଜଳସ୍ତରର ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ଏହି ଜଳ ଭଣ୍ଡାର ଗୁଡ଼ିକର ପରିଚାଳନା ଏବଂ ସଂଖ୍ୟା ବୃଦ୍ଧି ପରିବେଶ ପାଇଁ ନିହାତି ଜରୁରୀ। ଆମ ରାଜ୍ୟର କେତୋଟି ଜିଲ୍ଲାରେ ମୌସମୀ ବର୍ଷା ପରେ ପ୍ରାକୃତିକ ଜଳ ଉତ୍ସ ଗୁଡିକ ଶୁଖି ଯାଉଥିବା ଦେଖା ଯାଇଛି। ଏହି ସବୁ ସ୍ଥାନମାନଙ୍କରେ ଛୋଟ ଛୋଟ ଜଳ ଭଣ୍ଡାର ଆବଶ୍ୟକତା ରହିଛି। ଏହି ଛୋଟ ଜଳ ଭଣ୍ଡାର ଗୁଡିକ ମଧ୍ୟ ଜଳ ସେଚନ କାର୍ଯ୍ୟରେ ବ୍ୟବହୃତ ହୋଇ ପାରିବ। ପରିବେଶ ସୁରକ୍ଷା, କୃଷି କ୍ଷେତ୍ରରେ ପ୍ରଗତି ଏବଂ ପର୍ଯ୍ୟଟନ ଶିଳ୍ପ ବୃହତ ତଥା କ୍ଷୁଦ୍ର ଜଳ ଭଣ୍ଡାର ଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହାର ଶୀଘ୍ର ବିକାଶ ହେବା ଜରୁରୀ। ଏ ପ୍ରକାର ସର୍ବାଙ୍ଗୀନ ଉଦ୍ୟମ ହେଲେ ରାଜ୍ୟ ଜଳ ସମ୍ପଦର ପ୍ରକୃତ ବିକାଶ ସମ୍ଭବପର ହୋଇ ପାରିବ । ଆଜିକାଲି ଜଳ ଉତ୍ସ ଗୁଡିକରେ ପାଣି ନଷ୍ଟ ହେବା ସାଧାରଣ କଥା ହେଲାଣି। ଖାଇବା ପୂର୍ବରୁ ହାତ ଧୋଇବା ପାଇଁ ଖୋଜିଲେ କେଉଁଠାରେ ହେଲେ ମଧ ପାଣି ମିଳେ ନାହିଁ। ଖାଇବା ପରେ ପାଣି ବୋତଲ ବ୍ୟବହାର ପାଇଁ ନିଷ୍ଚୟ ଦିଆଯାଇଥାଏ ବା ରଖାଯାଇଥାଏ। ଦେଖାଯାଏ ଯେ ଲୋକମାନେ କିଛି ପାଣି ବ୍ୟବହାର କରି ବାକି ପାଣି ବୋତଲକୁ ସେଠାରେ ରଖା ଯାଇଥିବା ବଡ଼ ବଡ଼ ଟପରେ ଫିଙ୍ଗି ଦିଅନ୍ତି। ପ୍ରକୃତରେ ଆଂଶିକ ରୂପେ ପ୍ରଯୁକ୍ତ ପାଣିର ସେହି ବୋତଲ ଗୁଡିକ ଚାରିଆଡେ ଗଦା ହୋଇଥାଏ। କେତେ ବୋତଲରୁ ପାଣି ବାହାରି ମଧ ନଷ୍ଟ ହୋଇଯାଏ। ପାଣି ଓ ପିଇବା ପାଣିର ଏପରି ସ୍ଥିତିକି ଦେଖି ମନରେ ଆଶଙ୍କା ଉପୁଜେ। ସତରେ କ'ଣ ଏପରି ନିର୍ବୋଧତା ପୂର୍ଣ୍ଣ ଉପଯୋଗ କଣ ଆମେ ଆଉ ରୋକି ପାରିବା ନାହିଁ! ପାଣିର ଏପରି କ୍ରମାଗତ ଅପଚୟ ଚାଲିଥିବ ପୁଣି ପାନୀୟ ଜଳର ଦୁରୁପଯୋଗ! ଏହା ପ୍ରକୃତି ଓ ପରିବେଶ ପ୍ରତି ଅସାବଧାନତା ନୁହେଁ ବରଂ ଏକ ଗମ୍ଭୀର ଅପରାଧ।

ଜଳ ସମ୍ପଦର ସୁରକ୍ଷା ଲାଗି ଭୂତଳ ଜଳର ସଂରକ୍ଷଣ, ସୁରକ୍ଷା, ନିୟନ୍ତ୍ରଣ ଓ ଅପଚୟ ରୋକିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିବା ଉଚିତ। ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜଳର ମନ ଇଚ୍ଛା ବ୍ୟବହାର ଉପରେ କଟକଣା ରହିବା ଉଚିତ। ଆମକୁ ଜଳ ସଂରକ୍ଷଣ ଓ ଉପଯୁକ୍ତ ପରିଚାଳନା ପାଇଁ ବ୍ୟାପକ ଜନ ସଚେତନତା ଏବଂ ସହଭାଗିତା ସହିତ ପୁନଃ ଭରଣ ନିମନ୍ତେ ସଠିକ ପଦକ୍ଷେପ ନେବାକୁ ପଡ଼ିବ। ଜଳ ଦେବତୁଲ୍ୟ ଏହାର ସମ୍ମାନ କରିବା ଉଚିତ। ଜଳର ବିବେକ ପୂର୍ଣ୍ଣ ଉପଯୋଗ ତ ଆହୁରି ମହତ୍ୱପୂର୍ଣ୍ଣ ହୋଇଥାଏ। ଜଳ ଓ ଅନ୍ୟ ସମ୍ବଳ ଗୁଡିକର ସୁରକ୍ଷା ହିଁ ପ୍ରକୃତି ଓ ପରିବେଶ ପାଇଁ ହିତକର। ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମେ ନିଜର ଜଳ ବ୍ୟବହାର କରିବାର ମାନସିକତାକୁ ବଦଳାଇ ସନ୍ତୁଳିତ ହେବା। କାରଣ ସାଧାରଣ ଜୀବନ, ଜୀବିକା ଓ ପରିବେଶ ସହ ଏହାର ନିବିଡ଼ ସଂପର୍କ ରହିଛି। ଆହୁରି ଗୋଟିଏ କଥା ହେଲା ଜଳ ପୁନଃ (ରିସାଇକ୍ଲିଙ୍ଗ)ପ୍ରକ୍ରିୟାରେ ବ୍ୟବହାର କରିବାପାଇଁ ଏକ ନିର୍ଦ୍ଦିଷ୍ଟ ନିୟମ ରଖାଯାଉ।

ଭାରତରେ ଯେପରି ଜଳଭାବ ସମସ୍ୟା ବଢୁଛି ସେଥିପ୍ରତି ଦୃଷ୍ଟି ଦିଆଯାଇ ଜଳ ସମ୍ପଦ ଓ ପରିବେଶ ମନ୍ତ୍ରଣାଳୟ କେନ୍ଦ୍ର ଓ ରାଜ୍ୟ ଗୁଡ଼ିକର ସହମତି ଅନୁସାରେ ଏହାର ସୁରକ୍ଷା ଏବଂ ପରିଚାଳନା ଲାଗି ଦୀର୍ଘମିଆଦି ଯୋଜନା ଆବଶ୍ୟକ। ଖାଲି ସେତିକି ନୁହେଁ ଜଳ ସୁରକ୍ଷା ମିଶନ ଗଠନ କରାଯାଇ ସୁନିଶ୍ଚିତ କରାଗଲେ ସବୁଦିନ ଏହି ପ୍ରାକୃତିକ ସମ୍ପଦ ଆମର ସେବାରେ ଲାଗି ପାରିବ। ପ୍ରତିବର୍ଷ ମାର୍ଚ୍ଚ-୨୨ କୁ 'ବିଶ୍ୱ ଜଳ ଦିବସ' ପାଳନ କରିବାର ଆବଶ୍ୟକତାକୁ ସଭିଏଁ ବୁଝିପାରିବେ।


ସହକାରୀ ଶିକ୍ଷକ
ଗୌରାଙ୍ଗପାଟଣା,ରମ୍ଭା, ଗଞ୍ଜାମ
ମୋ:୭୫୦୪୯୨୪୯୪୮





### ଆଞ୍ଚଳିକ ପାଣିପାଗ
**ସୁନୀଲ କୁମାର ପ୍ରଧାନ**



ନୀଳ ଆକାଶରେ ଧଳା ମେଘଖଣ୍ଡ
ହେଲେ ମିଳିତ
କଳାମେଘ ଆସି ଗରଜନ ଦେଲା
ଦିଶେ ଶୋଭିତ ।

ଦୁଇଦିନ ହେଲା ସୁରୁଜ କିରଣ
ଯାଇଛି ହଜି
ଓଡ଼ିଶାରେ କୁଆପଥର ବରଷା
ହେଉଛି ଆଜି ।

ବରଷାକୁ ଦେଖି ବନ କର୍ମଚାରୀ
ନାଚିଲେ ଥେଇ
ନିଆଁ ଲିଭିଗଲେ ଜୀବ ଯେ ବଞ୍ଚିବେ
ଆନନ୍ଦ ହୋଇ ।

ପଶ୍ଚିମା ଝଡ଼ରେ ଧାନ ଚାଷ ପ୍ରାୟ
ଗଲାରେ ଧୋଇ

ଆହୁରି ବର୍ଷିବ ପାଣିପାଗ ସେତ
ଦିଏ ସୁଚେଇ ।
ପନ୍ଦର ଜିଲ୍ଲାକୁ ସତର୍କ ସୂଚନା
ଦେଲେ ବିଭାଗ
ପଚାଶ ବେଗରେ ପବନ ବୋହିବ
ହେବା ସଜାଗ ।


ଝାଟିପଦର, ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬


### ସେ, କବିଟିଏ
**ଦିଲିପ୍ କୁମାର ତ୍ରିପାଠୀ**



ସେ, କବିଟିଏ ଅଅଅ
ଭାବନାର ଭବ ସାଗରରେ,
ଧୈର୍ଯ୍ୟର ବନଶି କଣ୍ଟା ଧରି
ପ୍ରତୀକ୍ଷା କରିଥାଏ ।

କେବେ ଅତୀତ, କେବେ ସ୍ୱପ୍ନ
ତ' କେବେ କେବେ ଥପ୍ ଥପ୍
ଲୁହ କି ଲହୁକୁ
ଥୋପ କରି, ଛପି ବସିଥାଏ ;
ଧରିବାକୁ ଶବ୍ଦର ସଦ୍ୟ ମାଛଟିଏ ।
ସେ, କବିଟିଏ !

ତନ୍ନ ତନ୍ନ କରି ପରଖି ଦେଖେ
ଜୀବନର ସବୁ କଳା, ଧଳା
ନାଲି, ନୀଳ ରଙ୍ଗର କାହାଣୀ ;
ହାତ ମାରି ଦେଖେ,
ଦରସିଝା ପଦମାନଙ୍କୁ

ଆଖି ମୁଦି ଅନ୍ଧାରି ଗୁମ୍ଫାରୁ
ଟାଣିଧରି ଆଣେ
ବାଟଭୁଲା ପ୍ରତିଶବ୍ଦମାନଙ୍କୁ ।

ତଥାପି, ହାତ ପାହାନ୍ତାରୁ ଖସି ଯାଆନ୍ତି
କିଛି ଚଗଲୀ ପଦ୍ୟାଂଶ ହରିଣୀ
ଆଉ କବିଟିଏ ସେଇମିତି ଚାହିଁ
ରହିଥାଏ ...
ସେମାନଙ୍କ ଫେରିବା ବାଟକୁ ।

ଅତୀତର ପ୍ରହାରରେ ପ୍ରତିଥର
ରକ୍ତେଇଯାଏ ତା' ଦେହ
ସିକ୍ତେଇଯାଏ ଆଖିପତା
ଝାଳେଇଯାଏ ମୁହଁ–ସ୍ମୃତିର
ଗରମ ବାମ୍ପରେ ।

ବର୍ତ୍ତମାନର କୁଠାର ଘାତରେ
ଆକ୍ତାମାକ୍ତା ହେଇବି
ଛାଡେନି ଶବ୍ଦର ପଣତ
ହାତ ଧରି ଚାଲେ ପଦ ମାନଙ୍କର
କବିତାର ଶେଷଯାଏଁ

ଜଞ୍ଜାଳ ଝଞ୍ଜଟ ଭିତରେ ଜାବୁଡି
ଧରେ ଛାତିରେ
ସୁନ୍ଦରୀ କବିତାଟିକୁ ।
ଜାଗୃତ ହୁଏ ଅର୍ଦ୍ଧରାତ୍ରି ଯାଏ
ପୂର୍ଣ୍ଣ କବିତାର ଆଲିଙ୍ଗନରେ
ହୁଏ ଉନ୍ମତ୍ତ
ଗଡିଯାଏ, ଭୁଇଁରୁ ଅକାଶ ଯାଏ ।
ସେ, କବିଟିଏ !


ଢେଙ୍କାନାଳ,
ପର୍ଜଙ୍ଗ,କୁନ୍ଦନଦେଇପୁର ଶାସନ
ମୋ:୯୭୭୮୧୦୬୧୦୫




### ବସନ୍ତ ବିଳାସ
**ବେଣୁଧର ସୂତାର**



ରୂପ ରଙ୍ଗେ ଚମକଇ ମହୀ
ଅପୂର୍ବ ଏ ସୌନ୍ଦର୍ଯ୍ୟ ପସରା
ମଧୁକ୍ଷରା ଏ ଧରଣୀ ଅଙ୍ଗେ
ପ୍ରାଣମୟ ରସମୟ ଧାରା ।

ନୈସର୍ଗିକ ଶୋଭାର ସମ୍ଭାରେ
ବିଳାସର ରଙ୍ଗ ଭୂମି ପରେ
ଫଗୁ ବୋଳା ଫୁଲର ଶଯ୍ୟାରେ
ରାସ ରଚେ ନବ ଅଭିସାରେ ।

ଚୋରା ଚୋରା ମଳୟ ମାଦକେ
ରଙ୍ଗଭରା ରଙ୍ଗୋଲିର ହସେ
ସପନର ମାୟା ପୁରୀ କୋଳେ
ପ୍ରୀତି ମଲ୍ଲୀ ମହମହ ବାସେ ।

ଆମ୍ରକୁଞ୍ଜ ମୁକୁଳ ମହକେ
ଚିତ୍ତ ଚୋରା ପିକ ମଧୁ ସ୍ୱନ
ପଳାଶର କାଉଁରୀ କୁହୁକେ
ଅଙ୍ଗେ ଭରେ ମିଠା ସମ୍ମୋହନ ।

ଫୁଲେଫୁଲେ ରଙ୍ଗର ରୋଶଣି
ଲାସ୍ୟମୟୀ ପ୍ରକୃତି ଅଙ୍ଗନେ
ପ୍ରଣୟର ପ୍ରୀତି ମଧୁ ଝରେ
ବସନ୍ତର ଶୃଙ୍ଗାର ବିପିନେ ।

କେତେ ସ୍ୱପ୍ନ କେତେ ସମ୍ଭାବନା
ରସସିକ୍ତ ଅଭିଳାଷ ଘେନି
ପ୍ରାଣେ ପ୍ରାଣେ ତୋଳେ ପ୍ରୀତିଛନ୍ଦ
ମଧୁଝରା ବାସନ୍ତୀ ଯାମିନୀ ।

ସପନର ନିଃଶବ୍ଦ ପୁଲକେ
ପ୍ରଣୟର ରଙ୍ଗ ଦିଏ ବୋଳି
ଚଇତାଳି ମୋହନ ବୀଣାରେ
ସୁରତୋଳେ ଋତୁର କାକଳି ।

ରମଣୀୟ ବୈଭବ ବିଭାରେ
ଧରାପରେ ଆସିଛି ବସନ୍ତ
ରୂପ ରଙ୍ଗ ରସ ସମାହାରେ
ଢାଳିଦେଇ ଆଶିଷ ଅମୃତ ।

ଝୁମି ଝୁମି ନାଚଇ ପ୍ରକୃତି
ବୟସର କୃଷ୍ଣଚୂଡ଼ା କୁଞ୍ଜେ
ମଲ୍ଲୀ ମାଳ କବରୀରେ ଖଞ୍ଜେ
ପ୍ରୀତିଭରା ଏଇ ଫୁଲ ସଞ୍ଜେ ।


କେଶଦୁରାପାଳ କେନ୍ଦୁଝର
ମୋ:୯୧୭୮୫୬୮୨୪୬

# ମୁଗଲାଇ ପରଟା



**ଆବଶ୍ୟକ ସାମଗ୍ରୀ:** ମଇଦା, ପନିର, ଆଳୁ, ଫୁଲ କୋବି, କ୍ୟାପ୍ସିକମ, ଗାଜର, ବାଦାମ, ଟମାଟୋ, ରିଫାଇନ୍ ତେଲ, କଟା ପିଆଜ, ରସୁଣ ଓ ଅଦା ଛେଚା, କଞ୍ଚାଲଙ୍କା, ହଳଦି, ଜିରା ଗୁଣ୍ଡ, ଧନିଆ ପାଉଡର, ଲଙ୍କା ଗୁଣ୍ଡ, ଚିନି ଓ ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ମଇଦାରେ ଦୁଇ ଚାମଚ ରିଫାଇନ ତେଲ ଓ ଅଳ୍ପ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ତା'ପରେ ସେଥିରେ ଉଷୁମ ପାଣି ପକାଇ ଚକଟନ୍ତୁ। ଚକଟି ସାରିବା ପରେ ଏହାକୁ ଏକ ସଫା ଓ ଓଦା କପଡ଼ାରେ ଘୋଡ଼ାଇ କିଛି ସମୟ ରଖି ଦିଅନ୍ତୁ। ଏହାପରେ ପରଟା ପାଇଁ ମସଲା ପ୍ରସ୍ତୁତ କରନ୍ତୁ। ଗ୍ୟାସରେ କରେଇ ବସାଇ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ ଗୋଟା ଜିରା ପକାନ୍ତୁ। ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲା ପରେ ସେଥିରେ ଅଦା ଓ ରସୁଣ ଛେଚା ପକାଇ ଭଲ ଭାବେ କଷନ୍ତୁ। ଏହାପରେ ସେଥିରେ କଟା ଗାଜର, କଟା ଫୁଲକୋବି, କଟା କ୍ୟାପସିକମ,କଟା ଟମାଟୋ ଓ କଟା କଞ୍ଚାଲଙ୍କା ପକାନ୍ତୁ । ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ସହିତ ହଳଦି, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ ଓ ଅଧା ଚାମଚ ଲଙ୍କା ଗୁଣ୍ଡ ପକାଇ ଭାଜନ୍ତୁ। ଏସବୁ ଭଲ ଭାବେ ଭାଜି ହେବା ପରେ ୨ଟି ସିଝା ଆଳୁକୁ ଚକଟି ସେଥିରେ ପକାନ୍ତୁ ଓ ଆଉ ଥରେ କଷନ୍ତୁ। ଏହା କଷି ହୋଇଗଲା ପରେ ସେଥିରେ କଟା ପନିର ପକାନ୍ତୁ। ପନିର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କିଛି ସମୟପରେ ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏବେ ପୂର୍ବରୁ ଚକଟା ହୋଇଥିବା ମଇଦାକୁ ଗୁଳା କରି ରୁଟି ଆକାରରେ ବେଲନ୍ତୁ । ଆଉ ଏହାର ମଝିରେ ମସଲା ଦିଅନ୍ତୁ। ତା'ଉପରେ କଟା ପିଆଜ ଓ କଟା କଞ୍ଚାଲଙ୍କା ପକାନ୍ତୁ । ଏବେ ଏହାକୁ ଚାରି ପାଖରୁ ଭଲ ଭାବେ ଫୋଲ୍ଡ କରି ଦିଅନ୍ତୁ, ଯେପରି ମସଲା ବାହାରି ନଯିବ। ଏହାପରେ ଏକ ତାୱାରେ ତେଲ ଗରମ କରି ପରଟାର ୨ ପଟକୁ ଭଲ ଭାବେ ସେକନ୍ତୁ। ଏହା ଟିକେ ନାଲି ହୋଇଯିବା ପରେ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୁଗଲାଇ ପରଟା।




# ଖରାଦିନେ ଫ୍ରିଜ୍ ? ପାଣି ପିଉଥିଲେ ଘୋଟିଯିବ ଏହି ରୋଗ, ଏବେଠୁ ହୁଅ ସାବଧାନ

ଗରମ ଦିନ ଆସିବା ମାତ୍ରେ ଲୋକମାନେ ଥଣ୍ଡା ପାଣି ପିଇବା ଆରମ୍ଭ କରନ୍ତି । ତେବେ ନିଜର ଶୋଷ ମେଣ୍ଟାଇବା ପାଇଁ ଯଦି ଆପଣ ଫ୍ରିଜରୁ ପାଣି କାଢି ପିଉଛନ୍ତି ତାହେଲେ ଜାଣି ନିଅନ୍ତୁ ଏହା ଆପଣଙ୍କ ଶରିରକୁ କେଉଁ ପ୍ରକାରର କ୍ଷତି ପହଞ୍ଚାଇ ପାରେ। ପ୍ରଥମତଃ ସଂକ୍ରମଣ କାରଣରୁ ଡାକ୍ତରମାନେ ଏବେ ଥଣ୍ଡା ପାଣି ପିଇବାକୁ ସମ୍ପୂର୍ଣ୍ଣ ଭାବେ ମନା କରିଛନ୍ତି । ଏହାସହିତ ଥଣ୍ଡା ପାଣି ଶରୀରକୁ ଅନ୍ୟାନ୍ୟ କ୍ଷତି ମଧ ପହଞ୍ଚାଇଥାଏ ତାହେଲେ ଆସନ୍ତୁ ଜାଣିବା ସେ ବିଷୟରେ।



ଫ୍ରିଜ୍ ପାଣି ଶରିର ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ କାରଣ ଫ୍ରିଜରେ ପାଣି ସାଧାରଣ ତାପମାତ୍ରାରୁ କୃତ୍ରିମ ଉପାୟରେ ଥଣ୍ଡା ହୋଇଥାଏ । ଏହି ଥଣ୍ଡା ହୋଇଥିବା ପାଣିକୁ ଶରୀର ସହଜରେ ଗ୍ରହଣ କରି ପାରେନାହିଁ, । ଯାହାକି ଶରୀରକୁ ଗଲାପରେ କ୍ଷତି ପହଞ୍ଚାଇଥାଏ ।

ଥଣ୍ଡାପାଣି ପିଇବା ଦ୍ୱାରା ଆମ ଶରୀର ଭିତରେ ଅନ୍ତନଳୀ ପ୍ରବଳ ଥଣ୍ଡା ହୋଇଯାଇଥାଏ । ଯାହାଦ୍ୱାରା ସେ ନିଜର କାମ ଠିକ୍ ଭାବେ କରିପାରିନଥାଏ । ପରିଣାମସ୍ୱରୂପ ଆମର ପେଟ ଠିକ୍ ଭାବେ ସଫା ହୋଇପାରି ନଥାଏ। ଥଣ୍ଡା ପାଣି ପିଇବା ଦ୍ୱାରା ଶରୀରରେ କୋଷ୍ଠକାଠିନ୍ୟ ଦେଖାଦେଇଥାଏ । ଯାହାଦ୍ୱାରା ଆପଣଙ୍କ ଶରୀରର ପୁରା ସିଷ୍ଟମ ବିଗିଡି ଯାଇଥାଏ । ଆୟୁର୍ବେଦରେ କୋଷ୍ଟକାଠିନ୍ୟକୁ ସମସ୍ତ ରୋଗର ମୂଳ ବୋଲି କୁହାଯାଇଛି । ଥଣ୍ଡାପାଣି ପିଇବା ଦ୍ୱାରା ଆପଣଙ୍କ ଶରୀରର କୋଷିକା ଗୁଡିକ ଠିକ୍ ଭାବେ କାମ କରେନାହିଁ । ଯାହାର ପ୍ରଭାବ ମେଟାବୋଲିଜିମ୍ ଉପରେ ପଡିଥାଏ ଏବଂ ଏହା ଆପଣଙ୍କ ହାର୍ଟବିଟ୍ ମଧ୍ଯ କମ୍ କରିଦେଇପାରେ ।

ଫ୍ରିଜ୍ ପାଣି ପିଇବା ଦ୍ୱାରା ଗଳା ଖରାପ ହେବାର ଅଧିକ ସମ୍ଭାବନା ରହିଥାଏ । ଯଦି ପ୍ରତିଦିନ ଆପଣ ଥଣ୍ଡା ପାଣି ପିଉଛନ୍ତି ତାହେଲେ ମନେ ରଖନ୍ତୁ ଏହାଦ୍ୱାରା ଆପଣଙ୍କର ଟନସିଲ୍ସ, ଫୁସଫୁସ୍ ଏବଂ ପାଚନ ତନ୍ତ୍ରରେ ରୋଗ ହେବା ବହୁତ୍ ସାଧାରଣ କଥା ଅଟେ ।

# ଆଲର୍ଜିରୁ ମୁକ୍ତି ପାଇବା ପାଇଁ ଆପଣାନ୍ତୁ ଏହି ଟିପ୍ସ: ଦୂରେଇ ଯିବ ଚିନ୍ତା

ଆଲର୍ଜି ସମୂହ ବା ଆଲର୍ଜି ରୋଗ ସମୂହ ଅନେକ ରୋଗମାନଙ୍କର ସମାହାର ଯେଉଁଥିରେ ପରିବେଶର କୌଣସି ଜିନିଷ ପ୍ରତି ଇମ୍ୟୁନ ସିସ୍ଟମ ଅତିସୁଗ୍ରାହୀ ବା ଅତିସମ୍ବେଦନଶୀଳ ପ୍ରତିକ୍ରିୟା କରେ କିନ୍ତୁ ସାଧାରଣ ଅବସ୍ଥାରେ କୌଣସି ସମସ୍ୟା ହୁଏନି । ଏହିଭଳି ରୋଗମାନଙ୍କର ନାମ ହେ ଫିଭର, ଖାଦ୍ୟ ଆଲର୍ଜି, ଆଟୋପିକ ଡର୍ମାଟାଇଟିସ, ଆଲର୍ଜିକ ଆଜମା, ଓ ଆନାଫାଇଲାକସିସ। ଏଭଳି ରୋଗରେ ଆଖି ଲାଲ ହୁଏ, ଗଲୁ ହେଉଥିବା ରାସ ହୁଏ, ନାକରୁ ପାଣିବୋହେ, ଛୋଟ ଶ୍ୱାସକ୍ରିୟା ହୁଏ ଓ ଫୁଲିଯାଏ । ଖାଦ୍ୟ ଅସ ?ହ ?ନଶୀଳତା ଓ ଖାଦ୍ୟ ବିଷାକ୍ତ ?ତା ରୋଗଦ୍ୱୟ ଏହାଠାରୁ ଅଲଗା ରୋଗ । ଆଲର୍ଜି ହେଉଛି ଏକ ପ୍ରକାରର ରୋଗ ଯାହା ଶରୀରରେ କିଛି କିଛି ସ୍ଥାନରେ ନାଲି ହୋଇ ଫଳି ହୋଇପଡ଼ିଥାଏ । ଏହା କିଛି କିଛି ଜିନିଷ ଖାଇବା ଦ୍ୱାରା ବ୍ୟାପିଥାଏ। ତେଣୁ ସମସ୍ତଙ୍କୁ ଜଣା ନଥାଏ ଯେ କେମିତି ଏଥିରୁ ମୁକ୍ତି ପାଇବେ। ଆମେ ଆଜି ନେଇ ଆସିଛୁ ଆଲର୍ଜିରୁ ମୁକ୍ତି ପାଇବାର ଉପାୟ ।


ଅଦା: ଅଦାରେ ଆଣ୍ଟିଅକ୍ସିଡେଣ୍ଟ ଥାଏ । ସବୁଦିନ ଅଦାରେ ତିଆରି ୨କପ୍ ଚା ପିଇବା ଦ୍ୱାରା ଆଲର୍ଜି ରୋଗରୁ ଭଲ ଲାଭ ମିଳିଥାଏ । ଆପଣ ଏହାକୁ ଖାଦ୍ୟ ସହିତ ମଧ ଚୋବାଇ ଖାଇପାରିବେ ।

ରସୁଣ: ରସୁଣ ଏକ ଆଣ୍ଟିଅର୍ଜିକସଫଳ ଫୁଡ୍ ଅଟେ । ରସୁଣ ଶରୀରର ଆଣ୍ଟି-ଆକ୍ଟିଭେଟ କରିଥାଏ ଯାହା ଶରୀରକୁ ଆଲର୍ଜିରୁ ବଞ୍ଚାଇଥାଏ । ସର୍ବଦା ଖାଦ୍ୟ ସହିତ ୨ବା ୩ ଟି ରସୁଣ ଖାଇବା ଦ୍ୱାରା ଆମକୁ ଭଲ ଲାଭ ମିଳିଥାଏ ଏବଂ ଏହା ଆଲର୍ଜିରୁ ମଧ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ।

ହଳଦୀ :ହଳଦୀ ରେ କୁର୍କୁନିକ ଲବଣ ପାଇଥାଉ ଆମେ ଯାହା ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡେଣ୍ଟ ଅଟେ ଏବଂ ଆଣ୍ଟିକମ୍ପ୍ଲିମେଣ୍ଟ୍ରି ମଧ ଏହା ଦ୍ୱାରା ମିଳି ଥାଏ । ଏହା ଆଲର୍ଜି ସହିତ ଲଢ଼ିଥାଏ । ଯଦି ପ୍ରତ୍ୟେକ ଦିନ ଗରମ କ୍ଷୀରରେ ହଳଦୀ ମିଶାଇ ପିଇବେ ତେବେ ଆପଣ ଆଲର୍ଜିରୁ ମୁକ୍ତି ପାଇ ପାରିବେ ।



# କୁମ୍ଭୀର ଶିକାରୀ ମାଛ



ମଧୁର ଜଳରେ ବଢୁଥିବା ବୃହତକାୟ ମାଛଗୁଡ଼ିକ ମଧ୍ୟରେ ଗୋଲାୟାଥ୍ ଟାଇଗରଫିସ୍ ଅନ୍ୟତମ। ଏହା ସାମୁଦ୍ରିକ ଶ୍ୱେତ୍ ସାର୍କପରି ଭୟଙ୍କର। ଲମ୍ବରେ ପାଂଚ ଫୁଟରୁ ଅଧିକ ଏବଂ ଓଜନରେ ଶହେ କିଲୋଗ୍ରାମରୁ ଅଧିକ ବଢ଼ିପାରେ। ମୁହଁରେ ବତିଶଟି ଲୁହା ଭଳି ଶକ୍ତ ଦାନ୍ତ। ପ୍ରତ୍ୟେକ ଦାନ୍ତର ଲମ୍ବ ଏକ ଇଂଚରୁ ଅଧିକ ଏବଂ ବେଶ ତୀକ୍ଷଣ। ଏହା ଏକ ଶିକାରୀ ମାଛ। ବଂଚିବା ପାଇଁ ବହୁତ ଅଧିକ ପରିମାଣର ଖାଦ୍ୟ ଆବଶ୍ୟକ କରେ। ତେଣୁ, ସର୍ବଦା ଶିକାର ଖୋଜିବାରେ ବ୍ୟସ୍ତ ଥାଏ। ଭୋକିଲା ଥିବା ବେଳେ ଏହା ଏପରିକି କୁମ୍ଭୀର ଶିକାର କରୁଥିବା ଜଣାଯାଏ। ଆଫ୍ରିକାର କଙ୍ଗୋ ଓ ଲୁଆଲାୱା ନଦୀ, ଉପେମ୍ବା ଏବଂ ଟାଙ୍ଗାନିକା ହ୍ରଦ ଗୋଲାୟାଥର ବାସସ୍ଥାନ। ଉଲ୍ଲେଖଯୋଗ୍ୟ ଯେ, ଏତେ ଭୟଙ୍କର ହୋଇଥିଲେ ବି ମଣିଷ ଏହାକୁ କାବୁ କରିଥିବାର ବହୁ ନଜିର ଅଛି।

# ଜୀବନ ନେଉଥିବା ଗଛ



ମାନବ ଜୀବନ ପାଇଁ ଗଛ ପତ୍ରର ମୁଖ୍ୟ ଯୋଗଦାନ ରହିଛି। ଗଛ ବିନା ଜୀବନର କଳ୍ପନା ମଧ୍ୟ କରାଯାଇ ପାରିବ ନାହିଁ। କିନ୍ତୁ ପୃଥିବୀପୃଷ୍ଠରେ ଏପରି ଗଛ ଅଛି ଯାହାକି ମଣିଷର ଜୀବନ ମଧ୍ୟ ନେଇଥାଏ। ଏପରି ଏକ ଗଛର ନାମ ସରବେରା ଓଡୋଲୋମ। ଏହା ଦେଖିବାକୁ ଯେତେ ସୁନ୍ଦର ଓ ଆକର୍ଷକ ସେତେ ବିପଦଜନକ ମଧ୍ୟ। ଭାରତ ସହିତ ଦକ୍ଷିଣ-ପୂର୍ବ ଏସିଆର କିଛି ଅନ୍ୟ ଦେଶରେ ଏହି ଗଛ ଦେଖିବାକୁ ମିଳିଥାଏ। ଏହାର ଉପଯୋଗରେ ମଣିଷର ଜୀବନ ଚାଲିଯାଏ। ଏପରି ମାନ୍ୟତା ରହିଛି ଯେ ଏହି ଗଛ ପ୍ରତ୍ୟେକ ସପ୍ତାହରେ ଅତି କମରେ ଜଣେ ବ୍ୟକ୍ତିର ଜୀବନ ନେଇଥାଏ। ପରୀକ୍ଷାରୁ ଜଣାପଡ଼ିଛି ବିଶ୍ୱର ଅନ୍ୟ ବିଷାକ୍ତ ଗଛ ଅପେକ୍ଷା ସରବେରା ଓଡୋଲମ ସବୁଠାରୁ ଅଧିକ ବିଷାକ୍ତ। ଏହାର ମଂଜି ସରବେରିନ୍ ନାମକ ତତ୍ତ୍ୱରୁ ମିଳିଥାଏ। ଏହାର କମ୍ ମାତ୍ରା ଶରୀର ମଧ୍ୟକୁ ଗଲେ କିଛି ମିନିଟ୍ ମଧ୍ୟରେ ପେଟ ଓ ମୁଣ୍ଡ ବିନ୍ଧିବା, ବାନ୍ତି ହେବା, ଡାଇରିଆ ଓ ପରେ ଏହା ଏଞ୍ଜାଇମସ୍ ଓ ହୃଦୟର କାର୍ଯ୍ୟପ୍ରଣାଳୀକୁ ପ୍ରଭାବିତ କରେ ଓ କିଛି ଘଂଟା ପରେ ମଣିଷର ମୃତ୍ୟୁ ହୁଏ।

# କଳା ସୂତା ପାଦରେ କାହିଁକି ବାନ୍ଧନ୍ତି ? ଜାଣନ୍ତୁ ଏହାର ଫାଇଦା

**ଶରୀରକୁ ସୁସ୍ଥ ରଖିବାକୁ ଓ ଦୋଷ ଦୂର କରିବାକୁ କଳା ସୂତାର ବ୍ୟବହାର କରାଯାଇଥାଏ । କଳା ସୂତା ବାନ୍ଧିବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଶରୀରରେ କଳା ସୂତା ବାନ୍ଧିବା ଦ୍ୱାରା ଚମତ୍କାର ଲାଭ ମିଳିଥାଏ । ବିଶ୍ୱାସ କରାଯାଏ ଯେ ବାୟୁମଣ୍ଡଳରେ ଥିବା ନକାରାତ୍ମକ ଶକ୍ତିକୁ ନଷ୍ଟ କରିବାର କଳା ସୂତା ସକ୍ଷମ ହୋଇଥାଏ । ଏହା ସହିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ମଧ ଶରୀରରେ କଳା ସୂତା ବନ୍ଧାଯାଏ । ଆପଣଙ୍କ ଡାହାଣ ଗୋଡ଼ର ଆଙ୍ଗୁଳିରେ କଳା ସୂତା ବାନ୍ଧିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। କୁହାଯାଏ ଯେ ଯେଉଁମାନଙ୍କୁ ନାଭି ରୋଗ ହୋଇଥାଏ ସେମାନେ ଡାହାଣ ଗୋଡ଼ର ଆଙ୍ଗୁଠିରେ କଳା ସୂତା ବାନ୍ଧିଦିଅନ୍ତୁ । ତେବେ ଆସନ୍ତୁ ଜାଣିବା ଏହାର ଫାଇଦା..**

♦ କୁଦୃଷ୍ଟିରୁ ରକ୍ଷା କରିବା ପାଇଁ କଳା ସୂତାର ଅପାର ଶକ୍ତି ରହିଛି। କଳା ଯାଦୁରୁ କଳା ସୂତା ରକ୍ଷା କରିଥାଏ । ଶନି ଗ୍ରହ ମଧ କଳା ରଙ୍ଗ ସହିତ ଜଡିତ। ଶନି କଳା ରଙ୍ଗର କାରକ। ଏକ କଳା ସୂତା ପିନ୍ଧିବା ଦ୍ୱାରା ଶନି ଗ୍ରହ ରାଶିରେ ଦୃଢ ହୋଇଥାଏ । ଯାହା ଫଳରେ ଶନି ଦଶାରୁ ମୁକ୍ତି ମିଳେ ।

♦ କଳା ସୂତା ବାନ୍ଧିବା ସ୍ୱାସ୍ଥ୍ୟ ପାଇଁ ମଧ ଲାଭଦାୟକ । ଯଦି ପେଟରେ ଯନ୍ତ୍ରଣା ଭୋଗୁଥିବେ ତେବେ କଳା ସୂତା ବାନ୍ଧିଲେ ଯନ୍ତ୍ରଣା ଦୂର ହୋଇଯାଏ। ଗୋଡରେ କଳା ସୂତା ବାନ୍ଧିବା ଦ୍ୱାରା ଗୋଡ ଯନ୍ତ୍ରଣା କମ୍ ହୋଇଥାଏ ।

♦ ମଙ୍ଗଳବାର ଦିନ ଶରୀରରେ କଳା ସୂତା ବାନ୍ଧିବା ଅତ୍ୟନ୍ତ ଲାଭଦାୟକ। ଏହି ଦିନ ଡାହାଣ ଗୋଡରେ କଳା ସୂତା ବାନ୍ଧିବା ବିଶେଷ ଶୁଭଫଳ ମିଳେ। ଏହାର ପ୍ରଭାବ ଯୋଗୁଁ, ଆପଣଙ୍କର ଆର୍ଥିକ ଜୀବନ ସୁଖୀମୟ ହେବ ସହ ଘରକୁ ଧନ ଏବଂ ସମୃଦ୍ଧତା ଆସିବା ।



# ହାଇନେକ୍ ଟିସାର୍ଟରେ ଷ୍ଟାଇଲ୍

**ହାଇନେକ୍ ଟି-ସାର୍ଟ ଝିଅମାନଙ୍କ ଅଧିକ ପସନ୍ଦ । ଏହା ନା କେବଳ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ବରଂ ଥଣ୍ଡାରୁ ମଧ ବଞ୍ଚାଇଥାଏ । ହାଇନେକ୍ ଟି-ସାର୍ଟର ସବୁଠୁ ଭଲ କଥା ହେଲା ଯେକୌଣସି ବଡି ଟାଇପ୍‌ରେ ଫିଟ୍ ବସିଥାଏ । ତେବେ ହାଇନେକ୍ ଟିସାର୍ଟକୁ କିପରି ଷ୍ଟାଇଲ୍ କରିବେ ଜାଣନ୍ତୁ କିଛି ଟିପ୍ସ ।**

**ବ୍ଲେଜର୍:** ବୋରିଙ୍ଗ୍ ହାଇନେକ୍ ଟିସାର୍ଟକୁ କ୍ଲାସିକ୍ ଲୁକ୍ ଦେବା ପାଇଁ ସବୁଠୁ ଭଲ ହେବ ବ୍ଲେଜର୍ । ହାଇନେକ୍ ଟିସାର୍ଟ ପିନ୍ଧୁଥିଲେ ତା' ଉପରେ ବ୍ଲେଜର ଗଳାଇ ଦିଅନ୍ତୁ । କଣ୍ଟ୍ରାଷ୍ଟ କଲର୍ ନିଅନ୍ତୁ । ପଫ୍ ଏବଂ ସ୍କିନ୍ ଫିଟ୍ ବ୍ଲେଜର ଭଲ ମାନିଥାଏ । ତେଣୁ ଏହି ଲୁକ୍‌କୁ ଷ୍ଟାଇଲ୍‌ରେ ସାମିଲ୍ କରିପାରିବେ ।



**ମ୍ୟାଚିଙ୍ଗ୍ ହ୍ୟାଣ୍ଡବ୍ୟାଗ:** ଆପଣ ଚାହିଁଲେ ହାଇନେକ୍‌କୁ ମ୍ୟାଚିଙ୍ଗ୍ ହ୍ୟାଣ୍ଡବ୍ୟାଗ ସହିତ ମଧ ଷ୍ଟାଇଲ କରିପାରିବେ । ହାଇନେକ ସାର୍ଟ କଲର ଏବଂ ହ୍ୟାଣ୍ଡବ୍ୟାଗ କଲର ଗୋଟିଏ ରଙ୍ଗର ନେଇପାରିବେ । ନହେଲେ କଣ୍ଟ୍ରାଷ୍ଟ ଲୁକ୍ ବି ଦେଇପାରିବେ । ଆଉଟଫିଟ୍‌କୁ ଡାର୍କ କଲର୍ ବଟମ୍ ୱିୟର ସହିତ ଟିମ୍ ଅପ୍ କଲେ ଡାର୍କ କଲର୍ କୌଣସି ହ୍ୟାଣ୍ଡବ୍ୟାଗ୍ କ୍ୟାରି କରନ୍ତୁ । ଏହା ନା କେବଳ ମ୍ୟାଚିଙ୍ଗ୍ କମ୍ବିନେସନ୍ ଦେବ ବରଂ ଷ୍ଟାଇଲ୍‌କୁ ବି ହାଇଲାଇଟ୍ କରିବ ।

**ପେନସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍:**
ହାଇନେକ୍ ଟିସାର୍ଟକୁ କେବଳ ଜିନ୍ସ ଏବଂ ସର୍ଟସ୍ ସହିତ କ୍ୟାରି କରନ୍ତୁ ନାହିଁ । ପେନ୍‌ସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍ ଅପସନ୍ ରହିଛି । ପେନସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍ ଫିଗରକୁ ପରଫେକ୍ଟ ଲୁକ୍ ଦେଇଥାଏ । ଅନ୍ୟଙ୍କଠାରୁ ଲାଗିବା ପାଇଁ ଏହି ଷ୍ଟାଇଲ୍‌କୁ କ୍ୟାରି କରିପାରିବେ । ସ୍କର୍ଟ ସହିତ ପିନ୍ଧୁଥିଲେ ହାଇନେକ୍ ସାର୍ଟକୁ ଇନ୍ କରନ୍ତୁ ଏବଂ ଥାଇହାଇ ଷ୍ଟକିଙ୍ଗସ୍‌ରେ ଲୁକ୍ ଶେଷ କରନ୍ତୁ ।



**ହ୍ୟାଟ୍:** ହାଇନେକ୍ ପିନ୍ଧିଥିଲେ ଆକ୍ସେସରିଜ୍ ରୂପେ ହ୍ୟାଟ୍ ସାମିଲ କରନ୍ତୁ । ହ୍ୟାଟ୍‌ରେ ଆପଣ ଲୁକ୍‌କୁ ପୂରା ପରିବର୍ତ୍ତନ କରିପାରିବେ । ହେଲେ ହ୍ୟାଟ୍ ନେଲା ସମୟରେ ଆପଣଙ୍କ ଚେହେରାର ସେପ୍ ଉପରେ ବି ଧ୍ୟାନ ରଖିବା ଭୁଲନ୍ତୁ ନାହିଁ । କାରଣ ହ୍ୟାଟ୍ ସମସ୍ତଙ୍କ ଚେହେରାରେ ଭଲ ଲାଗିନଥାଏ ।

# ପରିବହନ ଭିତ୍ତିଭୂମି ଉନ୍ନତିକରଣ ପାଇଁ ଜିଡିପିର ୧.୭% ବ୍ୟୟ କରିବ ଭାରତ : ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥା ପାଇଁ ପ୍ରତିଷ୍ଠା ହେବ ମୂଳଦୁଆ

ନୂଆଦିଲ୍ଲୀ, ୨୧/୦୩ (ନି.ପ୍ର): ଚଳିତ ବର୍ଷ ପରିବହନ ଭିତ୍ତିଭୂମି ଉନ୍ନତିକରଣ ଉପରେ ଭାରତ ନିଜ ସକଳ ଘରୋଇ ଉତ୍ପାଦ (ଜିଡିପି)ର ୧.୭% ବ୍ୟୟ କରିବ। ଏହା ଆମେରିକା ଏବଂ ଅଧିକାଂଶ ୟୁରୋପୀୟ ରାଷ୍ଟ୍ରରେ ଭିତ୍ତିଭୂମି କ୍ଷେତ୍ରରେ କରାଯାଉଥିବା ଖର୍ଚ୍ଚର ପ୍ରାୟ ଦୁଇଗୁଣ । ଏହି ଅଭୂତପୂର୍ବ ବ୍ୟୟ ପରିମାଣ ଅର୍ଥଶାସ୍ତ୍ରୀମାନଙ୍କର ଦୃଷ୍ଟି ଆକର୍ଷଣ କରିଛି ଏବଂ ଏହାଦ୍ୱାରା ଭାରତ ପାଞ୍ଚ ଟ୍ରିଲିୟନ ଅର୍ଥବ୍ୟବସ୍ଥା ପାଇଁ ମୂଳଦୁଆ ପ୍ରତିଷ୍ଠା କରିବ ବୋଲି ଅର୍ଥନୀତିଜ୍ଞମାନେ କହିଛନ୍ତି । ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ନିଯୁକ୍ତି ସୃଷ୍ଟି ଏବଂ ଆର୍ଥିକ ଗତିବିଧିକୁ ତ୍ୱରାନ୍ୱିତ କରିବାକୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ ମାସ ଠାରୁ ଆରମ୍ଭ ହେଉଥିବା ଆର୍ଥିକ ବର୍ଷ ପାଇଁ ସରକାର ଭିତ୍ତିଭୂମି ଉପରେ ପୁଞ୍ଜି ବ୍ୟୟବରାଦ ପରିମାଣକୁ ୧୨୨ ବିଲିୟନ ଆମେରିକୀୟ ଡଲାରକୁ ବଢ଼ାଇ ଦେଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ମୋଦୀ ସରକାର ରେଳବାଇ ପୁଞ୍ଜି ବ୍ୟୟ ପାଇଁ ୨୪ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଛନ୍ତି ଯାହାକି ୨୦୧୩-୧୪ ଆର୍ଥିକ ବର୍ଷରେ କରାଯାଇଥିବା ବ୍ୟୟବରାଦ ଠାରୁ ନଅ ଗୁଣ ଅଧିକ । ମୁଖ୍ୟତଃ ରେଳଧାରଣା ନିର୍ମାଣ, ନୂଆ ରେଳଡବା ତିଆରି, ବିଦ୍ୟୁତିକରଣ ଏବଂ ଷ୍ଟେସନରେ ଯାତ୍ରୀ ସୁବିଧା ବିକାଶ ପାଇଁ ଏହି ଅର୍ଥ ବ୍ୟୟ କରାଯିବ । ୨୦୨୩-୨୪ ଆର୍ଥିକ ବର୍ଷରେ ସଡ଼କ ନିର୍ମାଣ ପାଇଁ ପୁଞ୍ଜି ଆବଣ୍ଟନ ପରିମାଣ ୩୬ ପ୍ରତିଶତ ବୃଦ୍ଧି ପାଇ ୨.୭ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଆହୁରି ୫୦ଟି ଅତିରିକ୍ତ ବିମାନ ବନ୍ଦର, ହେଲିପୋର୍ଟ, ୱାଟର ଏରୋଡ୍ରମ ଏବଂ ଆଞ୍ଚଳିକ ବିମାନ ସଂଯୋଗରେ ସୁଧାର ପାଇଁ ଅବତରଣ ପଡ଼ିଆ ନିର୍ମାଣ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ବନ୍ଦର, କୋଇଲା, ଇସ୍ପାତ, ସାର ଏବଂ ଖାଦ୍ୟ ଶସ୍ୟ କ୍ଷେତ୍ର ପାଇଁ ଶେଷ ଓ ପ୍ରଥମ-ମାଇଲ୍ ଯୋଗାଯୋଗ ସୁବିଧା ଯୋଗାଇ ଦେବା ନିମନ୍ତେ ସରକାର ୧୦୦ଟି ଗୁରୁତ୍ୱପୂର୍ଣ୍ଣ ପରିବହନ ଭିତ୍ତିଭୂମି ପ୍ରକଳ୍ପକୁ ଚିହ୍ନଟ କରିଛନ୍ତି। ଏହି କ୍ଷେତ୍ରରେ ଅଧିକ ନିବେଶ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଫେବୃଆରୀ ୧ ତାରିଖରେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ଅଭିଭାଷଣ ରଖି ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ, ଘରୋଇ ଉତ୍ସରୁ ୧୫,୦୦୦ କୋଟି ଟଙ୍କାର ନିବେଶ ସମେତ ୭୫,୦୦୦ କୋଟି ଟଙ୍କାର ନିବେଶ ସହିତ ପ୍ରାଥମିକତା ଭିତ୍ତିରେ ଏସବୁ ପ୍ରକଳ୍ପକୁ ହାତକୁ ନିଆଯିବ । ଭାରତୀୟ ଅର୍ଥବ୍ୟବସ୍ଥାର ଆକାର ବର୍ତ୍ତମାନର ୩.୫ ଟ୍ରିଲିୟନ ଆମେରିକୀୟ ଡଲାର ଥିବା ବେଳେ ଏହାକୁ ୨୦୨୫-୨୬ ସୁଦ୍ଧା ୫ ଟ୍ରିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଭିତ୍ତିଭୂମି କ୍ଷେତ୍ରରେ ଏଭଳି ବ୍ୟାପକ ଓ ଗତିଶୀଳ ନିବେଶ ଫଳରେ ଏହି ଲକ୍ଷ୍ୟ ହାସଲରେ ସହାୟତା ମିଳିପାରିବ । ଏପ୍ରିଲ ମାସ ଠାରୁ ଆରମ୍ଭ ହେଉଥିବା ଆର୍ଥିକ ବର୍ଷ ଠାରୁ ସଡ଼କ ଓ ରେଳ କ୍ଷେତ୍ରରେ କେନ୍ଦ୍ର ସରକାର ୧୧ ପ୍ରତିଶତ ପୁଞ୍ଜି ବ୍ୟୟ କରିବେ, ଯାହାକି ୨୦୧୪-୧୫ ଆର୍ଥିକ ବର୍ଷରେ ମାତ୍ର ୨.୭୫ ପ୍ରତିଶତ ଥିଲା। ଯଦି କେନ୍ଦ୍ର ସରକାରଙ୍କ ଏକ ଭିତ୍ତିଭୂମି ବିଭାଗ ରହିଥାନ୍ତା, ତା'ହେଲେ ଅର୍ଥ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପରେ ଏହି ବିଭାଗକୁ ତୃତୀୟ ସର୍ବାଧିକ ବଜେଟ ବ୍ୟୟବରାଦ କରାଯାଇଥାନ୍ତା। ବର୍ତ୍ତମାନ ଜିଡିପିରେ ଲଜିଷ୍ଟିକ୍ସ ଖର୍ଚ୍ଚ ପ୍ରାୟ ୧୪ ପ୍ରତିଶତ ରହିଛି ଏହାକୁ ୨୦୩୦ ସୁଦ୍ଧା ୮ ପ୍ରତିଶତକୁ କମାଇବା ଲାଗି ଭିତ୍ତିଭୂମି କ୍ଷେତ୍ରରେ ଏଭଳି 'ଉଦାର ବ୍ୟୟ' ପାଇଁ ବ୍ୟବସ୍ଥା କରାଯାଇଛି । ଭିତ୍ତିଭୂମି କ୍ଷେତ୍ରରେ ବ୍ୟୟ ବୃଦ୍ଧି କରିବା ସହିତ ଅମଲାତାନ୍ତ୍ରିକ ସଂସ୍କାର ମଧ୍ୟ କାର୍ଯ୍ୟକାରୀ କରାଯାଉଛି, ଯାହାକି ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ଆର୍ଥିକ କ୍ଷମତା ଦିଆଯିବା ସହ ନାଲି ଫିତା ପରମ୍ପରାକୁ ଉଚ୍ଛେଦ କରାଯାଇଛି । ପ୍ରଥମ ଥର ପାଇଁ ସ୍ୱଦେଶୀ ଭାବେ ନିର୍ମିତ ତଥା ଡିଜାଇନ କରାଯାଇଥିବା ବନ୍ଦେ ଭାରତ ଏକ୍ସପ୍ରେସ ନିର୍ମାଣ ଠାରୁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟୟର ଯୋଜନା ଆରମ୍ଭ ହୋଇଛି । ଏହି ଟ୍ରେନ ଘଣ୍ଟା ପ୍ରତି ୧୬୦ କିଲୋମିଟର ବେଗରେ ଗତି କରିଥାଏ। ସେହିପରି ମୁମ୍ବାଇ ଓ ଦିଲ୍ଲୀ ଏବଂ ପଞ୍ଜାବ ଓ ପଶ୍ଚିମବଙ୍ଗ ମଧ୍ୟରେ ଦୁଇଟି ନୂଆ ମାଲ କରିଡର ନିର୍ମାଣ କରାଯାଉଛି । ଦ୍ରୁତ ଗତିରେ ସାମଗ୍ରୀ ପରିବହନ ଲାଗି ରେଳ ଲାଇନର ବିଦ୍ୟୁତିକରଣ କରାଯାଉଛି, ପ୍ରତି ବର୍ଷ ୧୦ ହଜାର କିଲୋମିଟର ରାଜପଥ ନିର୍ମାଣ ହେଉଛି । ସେହିପରି ବିମାନ ବନ୍ଦର ସଂଖ୍ୟା ବଢୁଛି । ବିଦ୍ୟୁତ ଉତ୍ପାଦନ ବୃଦ୍ଧି ସହିତ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ ସଂଯୋଗ ମଧ୍ୟ ବିସ୍ତାରିତ ହେଉଛି । ଗତ ଆଠ ବର୍ଷ ମଧ୍ୟରେ ଭାରତ ୫୦ ହଜାର କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରିଛି ଯାହାକି ପୂର୍ବ ଆଠ ବର୍ଷ ତୁଳନାରେ ପ୍ରାୟ ଦୁଇ ଗୁଣ ଅଧିକ । ୨୦୧୪ରେ ଗ୍ରାମୀଣ ସଡ଼କର ଲମ୍ବ ୩,୮୧,୦୦୦ କିଲୋମିଟର ଥିବା ବେଳେ ୨୦୨୩ରେ ଏହା ୭,୨୯,୦୦୦ କିଲୋମିଟରକୁ ବୃଦ୍ଧି ପାଇଛି। ସମାନ ଅବଧିରେ, ବିମାନ ବନ୍ଦର ସଂଖ୍ୟା ଦୁଇ ଗୁଣା ବୃଦ୍ଧି ପାଇ ୧୪୮ରେ ପହଞ୍ଚିଛି ।

## ନୂତନ ସେବା ସମବାୟ ସମିତି ଲାଗି ପ୍ରସ୍ତୁତି ବୈଠକ



ବସ୍ତା, ୨୧/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ଥିବା ବାହାର୍ଦ୍ଦା ଓ କୁଡିଆ ଗ୍ରାମପଞ୍ଚାୟତ ମିଳିତ ସହଯୋଗରେ ନୂତନ ସେବା ସମବାୟ ସମିତି ପ୍ରତିଷ୍ଠା ନିମନ୍ତେ ପୁନସୀତା କଲ୍ୟାଣ ମଣ୍ଡପ ରେ ମଙ୍ଗଳବାର ଏକ ଜରୁରି କାଳିନ ବୈଠକ ଅନୁଷ୍ଠିତ ହୋଇଅଛି । ଏହିବୈଠକରେ କୁଡିଆ ପଞ୍ଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲା । ସିଓ ସୁବ୍ରତ ଭୂଷଣ ତ୍ରିପାଠୀ, ୧୫ନଂ ଜୋନର ଜିଲ୍ଲାପରିଷଦ ଦେବୀକା ସୋରେନ, ବାହାର୍ଦ୍ଦା ସରପଞ୍ଚ ସଞ୍ଜୀବ ଦଳେଇ, ସମୀତି ସଭ୍ୟ ପ୍ରକାଶ ବେହେରା, ରାଜକିଶୋର ଦାସ, ପ୍ରଭାକର ମହାନ୍ତି , ସମତ କୁଡିଆ ଓ ବାହାର୍ଦ୍ଦା ପଞ୍ଚାୟତର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଗରିଜାଶଙ୍କର ଜେନା ଧନ୍ୟବାଦ ଜଣାଇ ସଭାକାର୍ଯ୍ୟ ସାଙ୍ଗକରିଥିଲେ । ପ୍ରକାଶ ଥାଉକି ମଥାନୀ ଦୁଧହଂସା ବାସୁଚକୁରାଇ ବାହାର୍ଦ୍ଦା କୁଡିଆ ପଞ୍ଚାୟତ ରେ ଗୋଟିଏ ମାତ୍ର ମଥାନୀ ସେବାସମବାୟ କେନ୍ଦ୍ର ହୋଇଥିବାରୁ ବହୁ ସଂଖ୍ୟାର ଚାଷୀ ମାନେ ସୁଚାରୁ ରୁପେ ଧାନ ଦେଇପାରୁନଥିବାବେଳେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । ତେଣେ ସରକାରକୁ ନୂତନ ସମବାୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ବାହାର୍ଦ୍ଦା ଓ କୁଡିଆ ପଞ୍ଚାୟତ କୃଷକ ମାନେ ଅଣ୍ଟା ଭିଡିଛନ୍ତି । ସରକାର ଯଥାଶିଘ୍ର ପଦକ୍ଷେପ ନେବାପାଇଁ ପଞ୍ଚାୟତବାସୀ ଦାବିକରିଛନ୍ତି ।

## ତିହିଡ଼ି ଓ ବେତଡ଼ା ବଜାରରେ କୋଟ୍‌ପା ଚଢ଼ଉ



ଭଦ୍ରକ, ୨୧/୦୩ (ନି.ପ୍ର): ଜାତୀୟ ତମାଖୁ ନିୟନ୍ତ୍ରଣ ଆଇନ୍‌ର କାର୍ଯ୍ୟନ୍ୱୟନରେ ଅବମାନନା ଧରପଗଡ଼ ଉଦ୍ଦେଶ୍ୟରେ ଆଜି ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ବିଭାଗର ମିଳିତ ଚଢ଼ଉରେ ୪୦୦୦ ଟଙ୍କା ଜୋରିମାନା ଆଦାୟ କରାଯିବା ସହିତ ଜବତ ତମାଖୁ ଜାତୀୟ ଦ୍ରବ୍ୟ ସବୁକୁ ନଷ୍ଟ କରି ଦିଆଯାଇଥିଲା । ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାର ଏପିଡ଼େମିଲୋଜିଷ୍ଟ ଡ଼.କାଶୀନାଥ ପଣ୍ଡା ଓ ପୋଲିସ୍ ବିଭାଗର ତିହିଡ଼ି ପୋଲସ୍ ଏ.ଏସ୍.ଆଇ. କମଳାକାନ୍ତ ଶତପଥୀ, ଏସ୍.କେ.ନାୟକ ଓ ପାର୍ଥ ବେହେରାଙ୍କ ମିଳିତ ନେତୃତ୍ୱରେ ଆଜି ତିହିଡ଼ି ଓ ବେତଡ଼ା ବଜାରରେ ଧରପଗଡ଼ କରାଯାଇଥିଲା । ସେଥିରେ ସମୁଦାୟ ୨୦ଜଣ ଦୋକାନୀଙ୍କ ଠାରୁ ୪ ହଜାର ଟଙ୍କା ଜୋରିମାନା ବାବଦ ଆଦାୟ କରାଯାଇଥିଲା । ଅଣସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ ରାଉତ ଓ ଡ୍ରଗ୍ ଇନିସ୍‌ପେକ୍ଟରଙ୍କ କର୍ମଚାରୀ ମଧ୍ୟ ଏହି ଚଢ଼ଉରେ ସାମିଲ ଥିଲେ ।

## ସେଲ ଆରଏସପିରେ ବିଶ୍ୱ ଜଳ ଦିବସ ପାଳନ ଉପଲକ୍ଷେ ପ୍ରତିଯୋଗିତା



ରାଉରକେଲା, ୨୧/୦୩ (ନି.ପ୍ର): ବିଶ୍ୱ ଜଳ ଦିବସ ପାଳନ ଉପଲକ୍ଷେ ସେଲ ରାଉରକେଲା ଇସ୍ପାତ କାରଖାନାର ଜଳ ପ୍ରବନ୍ଧନ ବିଭାଗ (ଡବ୍ଲ୍ୟୁଏମଡି) ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ କାରଖାନାର କର୍ମଚାରୀମାନଙ୍କର ଉତ୍ସାହପ୍ରଦ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଜଳ ସଂରକ୍ଷଣ ଏବଂ ତତସମ୍ବନ୍ଧୀୟ ଅନ୍ୟାନ୍ୟ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା ଏହି ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ ଥିଲା। ଉଲ୍ଲେଖଯୋଗ୍ୟ ଯେ, ଜଳ ସଂରକ୍ଷଣ ତଥା କାରଖାନାର ଶୂନ୍ୟ ତରଳ ନିର୍ଗମନ ଲକ୍ଷ୍ୟ ହାସଲ କରିବାକୁ ବିଭାଗ ନିରନ୍ତର ଉଦ୍ୟମ ଜାରି ରଖିଛି। ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ଭବିଷ୍ୟତ ପାଇଁ ଜଳ'। ଏଥିରେ ମୋଟ ୩୩୪ ଜଣ ଛାତ୍ରଛାତ୍ରୀ ଏବଂ କାରଖାନାର ଅଧିକାରୀ ଓ କର୍ମଚାରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଯୁବପିଢ଼ୀଙ୍କ ମଧ୍ୟରେ ଅଧିକ ସଚେତନତା ପାଇଁ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର୧୮ରେ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜୁନିଅର ଏବଂ ସିନିୟର ବର୍ଗ ଅଧୀନରେ ତୃତୀୟ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୭୯ ଜଣ ଛାତ୍ରଛାତ୍ରୀ, ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତିନୋଟି ଭାଷାରେ ଅର୍ଥାତ୍ ଓଡିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ସ୍ଲୋଗାନ୍, ପ୍ରବନ୍ଧ ଏବଂ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଳ ପ୍ରବନ୍ଧନ ବିଭାଗ ଜିଏମ୍ ଇନ୍-ଚାର୍ଜ, ଶ୍ରୀ ଦେବଜିତ୍ ରାଭାଙ୍କ ମାର୍ଗଦର୍ଶନରେ ବିଭାଗର ସହକାରୀ ପ୍ରବନ୍ଧକ ଶ୍ରୀ ଡି କେ ଦଳେଇ ଓ ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କୁଡୁମି ସେନାଙ୍କ ଗର୍ଜନ : କୋଟା ସିଟ୍ ଆମର ଦରକାର




ଉଦଳା, ୨୧/୦୩ (ନି.ପ୍ର): କୁଡୁମି ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ପାଇଁ ଦାବୀ ଜଣାଇ ଚଳିତ ମାର୍ଚ୍ଚ ୨୧ ତାରିଖ ମଙ୍ଗଳବାର ଦିନ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ୬ ଘଂଟିଆ ହରତାଳ ଓ ହୁଡ଼୍‌କା ଜାମ୍ ର ପର୍ବ କୁଡୁମି ସେନା ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି । ଉଦଳା ସହର ମଧ୍ୟରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା । ପୁରୁଷ ଲୋକଙ୍କ ତୁଳନାରେ ମହିଳା ମାନେ ଅଧିକ ସଂଖ୍ୟାରେ ଏହି ହରତାଳ ଓ ହୁଡ଼୍‌କା ଜାମ ର ପର୍ବରେ ଅଂଶ ଗ୍ରହଣ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ବିଧାନସଭାରେ ହଙ୍ଗାମା....

କେନ୍ଦ୍ର ସରକାର ୫ କେଜି ଚାଉଳ କାଟି ଦେଲେ । ୭୧ ହଜାର କୋଟି ବଜେଟ୍ରୁ କଟିଲା । ଏବେ ପୁଣି କେନ୍ଦ୍ର ସରକାର ୧୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଇବା ପାଇଁ ପ୍ରସ୍ତୁତ ନାହାନ୍ତି । ପୂର୍ବରୁ ୧୩ ଲକ୍ଷ ମେଟ୍ରିକ୍ ଟନ୍ ବଳକା ରହୁଥିଲା । ଉଷୁନା ଚାଉଳ ନେଉନାହାନ୍ତି । ତେଣୁ ବଳକା ଚାଉଳ ଉଠାଇବା ସହ କାଟି ଥିବା ୫ କେଜି ଚାଉଳ କେନ୍ଦ୍ର ସରକାର ଦିଅନ୍ତୁ । ଜବାବରେ ଜୟନାରାୟଣ ମିଶ୍ର କହିଛନ୍ତି, କୋଭିଡ ଜନିତ ରିଲିଫ ଥିଲ ତାହା କମେଇକି ଦିଆଯାଉଛି । ଓଡିଶା ସରକାର ଯେଉଁ ଶ୍ରେୟ ନେବାକୁ ଚାହୁଁଥିଲେ ଟଙ୍କିକିଆ ଚାଉଳ ଦଉଥିଲେ ଏବେବି ଦିଅନ୍ତୁ ଆମର କୌଣସି ଆପତ୍ତି ନାହିଁ । ଲଗାତାର ଭାବେ ଗୋଟିଏ ପ୍ରସଙ୍ଗକୁ ଧରି ବିରୋଧୀ ଦଳ ନେତା ସରକାରଙ୍କୁ ଟାର୍ଗେଟ କରି ଆସୁଛନ୍ତି । କିନ୍ତୁ ଜୟନାରାୟଣଙ୍କୁ ମାନସିକ ରୋଗୀ କହି ଅଭିଯୋଗକୁ ଉଡାଇ ଦେଉଛି ବିଜେଡି । ଏଥିସହ ବିରୋଧୀ ଦଳକୁ ଚେକ ଦେବା ପାଇଁ କେନ୍ଦ୍ର ଅବହେଳାକୁ ପ୍ରସଙ୍ଗ କରିଛି ।

### ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ....

ଏହି ବୈଠକରେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ସହଭାଗୀ ଉତରଦାୟିତ୍ୱ ସହିତ ଏକ ପ୍ରଭାବୀ ଅଭିଯୋଗ ସମାଧାନ ପ୍ରଣାଳୀ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସବୁ ଅଂଶୀଦାରମାନଙ୍କ ଠାରୁ ଅନଲାଇନ ମାଧ୍ୟମରେ ମରାମର୍ଶ ଓ ମତାମତ ଗ୍ରହଣ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାନତା, ଜାତିଗତ ସମ୍ବେଦନଶୀଳତା, ଶିକ୍ଷାଜନିତ ଚାପ ହ୍ରାସ କରିବା, ସୁଦୃଢ଼ ପରାମର୍ଶ ପ୍ରଣାଳୀ ବିକଶିତ କରିବା ଆଦି ବିଭିନ୍ନ ବିଷୟ ଉପରେ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଶିକ୍ଷା ମନ୍ତ୍ରଣାଳୟ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଏବଂ ଭାବନାତ୍ମକ କଲ୍ୟାଣ ସୁନିଶ୍ଚିତ କରିବା ଲାଗି ସଂକଳ୍ପବଦ୍ଧ ରହିଛି । ଶିକ୍ଷା ମନ୍ତ୍ରଣାଳୟ ଶିକ୍ଷା ସହ ଜଡ଼ିତ ଚାପକୁ ହ୍ରାସ କରିବା ଲାଗି ବିଭିନ୍ନ ସମୟରେ ସଂଖ୍ୟାଧିକ ପଦକ୍ଷେପ ଗ୍ରହଣ କରିଛି । ଏସବୁ ପଦକ୍ଷେପ ମଧ୍ୟରେ ସମବୟସ୍କ ସାଥୀଙ୍କ ଠାରୁ ଶିକ୍ଷା ଲାଭ କରିବା, ୧୩ଟି କ୍ଷେତ୍ରୀୟ ଭାଷାରେ ଜ୍ଞାନକୌଶଳର ଶୁଭାରମ୍ଭ, ୧୩ଟି ଭାଷାରେ ପ୍ରବେଶିକା ପରୀକ୍ଷା, ଛାତ୍ରଛାତ୍ରୀଙ୍କୁ ମାନସିକ ସହାୟତା ପ୍ରଦାନ କରିବା ଲାଗି ମନୋଦର୍ପଣ ଯୋଜନା, ମାନସିକ ସ୍ୱାସ୍ଥ୍ୟ ସହ ଜଡ଼ିତ ପ୍ରସଙ୍ଗର ନିରାକରଣ, ଚିହ୍ନଟ ଏବଂ ନିବାରଣ ମୂଳକ ଉପାୟ ଉପରେ ଦିଶାନିର୍ଦ୍ଦେଶ ଆଦି ସାମିଲ ରହିଛି । ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ା ଜୀବନ ମାନସିକ ଓ ବ୍ୟବହାରିକ ପରିବର୍ତ୍ତନର ଏକ ମହତ୍ୱପୂର୍ଣ୍ଣ ପର୍ଯ୍ୟାୟ, ଯେଉଁଥିରେ ସାମାଜିକ ଅନ୍ତଃକ୍ରିୟା, ସମ୍ପର୍କ ଓ କ୍ୟାରିଅର ସହ ଜଡ଼ିତ ଜଟିଳତା ସାମିଲ ରହିଥାଏ। ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବା ଭଳି ବିଭିନ୍ନ ପ୍ରସଙ୍ଗ ରହିଛି ଏବଂ ଏହା ଶିକ୍ଷାଜନିତ ଚାପ, ସମବୟସ୍କ ସାଥୀଙ୍କ ଚାପ, ଅତ୍ୟଧିକ ପ୍ରତିଯୋଗିତାମୂଳକ ବାତାବରଣ, ବ୍ୟବହାର ସମ୍ବନ୍ଧୀୟ ପ୍ରସଙ୍ଗ, ପ୍ରଦର୍ଶନର ପ୍ରସଙ୍ଗ, ଚାପ, କ୍ୟାରିଅର ଚିନ୍ତା, ଅବସାଦ ଆଦି ଭଳି ବ୍ୟାପକ ଦିଗକୁ ସାମିଲ କରିଥାଏ। ଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତଥା ଛାତ୍ରଛାତ୍ରୀଙ୍କ ମାନସିକ ଓ ଭାବନାତ୍ମକ କଲ୍ୟାଣ ନିମନ୍ତେ, ବିଦ୍ୟାଳୟ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ବିଭିନ୍ନ ଦିଗକୁ ସାମିଲ କରି ଶିକ୍ଷା ମନ୍ତ୍ରଣାଳୟ ସାମଗ୍ରିକ ରୂପରେ ଏକ ପରିଚାଳନା ମାର୍ଗଦର୍ଶିକାର ବ୍ୟାପକ ଫ୍ରେମୱର୍କ ବା ରୂପରେଖ ପ୍ରସ୍ତୁତ କରୁଛି ।

### ଖର୍ଚ୍ଚ ଦାବି ଆଲୋଚନା ବେଳେ ବିରୋଧୀଙ୍କୁ ....

କେତେ ସୁନ୍ଦର ଓ ଶାନ୍ତ ରାଜ୍ୟ। ଓଡ଼ିଶାର ଲୋକମାନେ ଶାନ୍ତିପ୍ରିୟ ଓ ମୁଁ ସେଥିପାଇଁ ଗର୍ବିତ। ଲ ଲେସନେସ୍ କହୁଥିବା ଲୋକ ଓଡ଼ିଶାବାସୀଙ୍କୁ ଅପମାନିତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଧାନସଭାରେ ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ଉତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ଆଇନ ଶୃଙ୍ଖଳା ନାହିଁ ବୋଲି କହିବା ସମ୍ପୂର୍ଣ୍ଣ ଅବାସ୍ତବ। ଆମେ ଶିଳ୍ପ ଉତ୍ପାଦନ ଓ କୃଷି ଉତ୍ପାଦନରେ ନୂଆ ରେକର୍ଡ ସୃଷ୍ଟି କରିଛୁ । ନିଜ ରେକର୍ଡ ନିଜେ ଭାଙ୍ଗିଛୁ । ପରିବହନ ହେଉଛି ଆଇନ ଶୃଙ୍ଖଳା ପରିସ୍ଥିତିର ଏକ ସୂଚକାଙ୍କ । ଆମ ରାଜ୍ୟରେ ରେଳବାଇ ଦେଶରେ ସର୍ବାଧିକ ଲାଭ ଦେଉଥିଲା ବେଳେ ପରିବହନରେ କୌଣସି ପ୍ରକାର ବାଧାବିଘ୍ନ ଉପୁଜି ନାହିଁ । ଆମେ ହକି ବିଶ୍ୱକପର ସଫଳ ଆୟୋଜନ କଲୁ। ମହାପ୍ରଭୁଙ୍କ ରଥଯାତ୍ରା ଓ ନିର୍ବାଚନ ସହ ବିଭିନ୍ନ ପରୀକ୍ଷାର ଶୃଙ୍ଖଳାର ସହ ସମାପ୍ତ କରିଛୁ। ରାଜ୍ୟରେ ମାଓ ହିଂସା, ଦଙ୍ଗା ନାହିଁ କହିଲେ ଚଳେ। ଆଇନ ଶୃଙ୍ଖଳା ଥିବାରୁ ମୋ ସରକାର ରାଜସ୍ୱ ଆୟରେ ବେସ ଅଭିବୃଦ୍ଧି ଆଣି ପାରିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଯୋଗ ଦେବାକୁ ମୁଁ ବହୁ ଆଡେ ଯାଇଛି । ସବୁ ନିବେଶକଙ୍କ ଗୋଟିଏ ସ୍ୱର, ଓଡ଼ିଶା ହେଉଛି ଶାନ୍ତି ପ୍ରିୟ ରାଜ୍ୟ । ଯେଉଁଥି ପାଇଁ ସେମାନେ ନିବେଶ କରିବାକୁ ଆଗେଇ ଆସୁଛନ୍ତି । ମୋ ରାଜ୍ୟବାସୀ ଶାନ୍ତି ପ୍ରିୟ । ଯେଉଁଥିପାଇଁ ଓଡ଼ିଶା ଆଜି ବିକାଶର ରାସ୍ତାରେ । ମୋ ରାଜ୍ୟବାସୀଙ୍କୁ ନେଇ ମୁଁ ଗର୍ବିତ।

## ଜିଲ୍ଲା ରକ୍ତଦାତା ସଂଘ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି



ବାଲେଶ୍ୱର, ୨୧/୦୩ (ନି.ପ୍ର): ଆଜି ଅପରାହ୍ନରେ ବାଲେଶ୍ୱର ରକ୍ତକେନ୍ଦ୍ର ପରିସରରେ ଜିଲ୍ଲା ରକ୍ତଦାତା ସଂଘର କାର୍ଯ୍ୟକାରୀ କମିଟି ବୈଠକ ସଂଘର ସଭାପତି କମଳ ଚକ୍ରବର୍ତ୍ତୀଂକ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ସଂଘର ସାଧାରଣ ସଂପାଦକ ଇଂ ଡଃ ହୃଷିକେଶ ସାହୁ ବିଭିନ୍ନ ସାଂଗଠନିକ ସମସ୍ୟା ରକ୍ତ କେନ୍ଦ୍ରର ବିକାଶ, ସଂଘର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ, ଜୁନ ୧୪ ତାରିଖରେ ବାର୍ଷିକ ସମ୍ମିଳନୀ ଆୟୋଜନ ପ୍ରସଂଗ ଉତଥାପନ କରିଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ମେ ୨୧ତାରିଖରେ ସ୍ଥାନୀୟ ଓଡେଶା ଭବନରେ ହେବାକୁ ଥିବା ସାଂଗଠନିକ ନିର୍ବାଚନ ପାଇଁ ବରିଷ୍ଠ ଉପଦେଷ୍ଟା ରବି ରାଉତଂକୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି । ସହରର ବ୍ରିଟ କଲ୍ୟାଣ ମଣ୍ଡପ ଠାରେ ୧୪ ଜୁନରେ ବିଶ୍ୱ ରକ୍ତଦାତା ଦିବସ ଓ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ସ୍ମରଣିକା ପ୍ରକାଶନ, ରକ୍ତଦାନ ଶିବିର, ରକ୍ତଦାନ ଶିବିର ଆୟୋଜକ ସଂଗଠନ, ଶ୍ରେଷ୍ଠ ରକ୍ତଦାତା, ରକ୍ତକେନ୍ଦ୍ରର କର୍ମଚାରୀ ପ୍ରମୁଖଂକୁ ସମ୍ବର୍ଦ୍ଧିତ କରାଯିବ । ରକ୍ତକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ଜିଲ୍ଲାପାଳଂକ ସହିତ ସଂଘର କର୍ମକର୍ତ୍ତା ମାନେ ଆଲୋଚନା କରି ସମାଧାନର ପନ୍ଥା ନିର୍ଦ୍ଧାରଣ କରିବେ । ବୈଠକରେ ଅକ୍ଷୟ ତ୍ରିପାଠୀ, ରାଜେଶ ଗିରି, ବିଶ୍ୱଜିତ ଘୋଷ, ପ୍ରଭାକର ବେହେରା, ପଦ୍ମଲୋଚନ ଦତ୍ତ, ପ୍ରଫୁଲ୍ଲ ଦାସ, ରମେଶ ଜେନା, ସତ୍ୟବ୍ରତ ମିଶ୍ର ପ୍ରମୁଖ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଉପସଭାପତି ବିଜୟ ପାତ୍ର ଧନ୍ୟବାଦ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ରୋଗବୀ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ : ରାଜ୍ୟସ୍ତରରେ ଯୋଗଦେବେ ୪୦ କୃତି କ୍ରୀଡାବିତ୍



ବାରିପଦା, ୨୧/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ନବକିଶୋର ଗିରିଙ୍କ ମାର୍ଗଦର୍ଶନରେ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳକ ବାଳିକା ବର୍ଗର ଜିଲ୍ଲାସ୍ତରୀୟ ରୋଗବୀ ଫୁଟବଲ ପ୍ରତିଯୋଗିତା, ୨୦୨୨-୨୩ ବାରିପଦା ବ୍ଲକସ୍ଥିତ ରାଣୀଭୋଳ ସରକାରୀ ଏସ.ଏସ. ଡି ବାଳିକା ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ ସେଠୀଙ୍କ ପୌରହିତରେ ମୁଖ୍ୟଅତିଥି ରୂପେ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା ପ୍ରତିଯୋଗିତାର ବିଚାରକ ଭାବେ ଦିବ୍ୟରଞ୍ଜନ ଦାସ, ତାରିଣୀସେନ ନାୟକ, ଚନ୍ଦନ ସିଂ, ସୁଗୁଡା ମାଝି, ସଞ୍ଜୟ ବିଶ୍ୱାଳ, ରାଜକିଶୋର ପାତ୍ର ଯୋଗ ଦେଇଥିଲେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ ଓ ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ। ଜିଲ୍ଲାସ୍ତରୀୟ ୪୦ ଜଣ କୃତି ପ୍ରତିଯୋଗୀମାନେ ଭୁବନେଶ୍ୱରସ୍ଥିତ କି.ଟ୍. ଠାରେ ଚଳିତ ମାର୍ଚ୍ଚ ମାସ ୨୨ ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଓଡିଶା ରାଜ୍ୟସ୍ତରୀୟ ରୋଗବୀ ଫୁଟବଲ ପ୍ରତିଯୋଗିତାରେ ଯୋଗଦେବେ। ଜେନେରାଲ ମ୍ୟାନେଜର ଭାବେ ତାରିଣୀସେନ ନାୟକ, ବାଳକ ଟିମ୍ ମ୍ୟାନେଜର ଉଷାକାନ୍ତ ମାହଲିକ୍ ଓ ବାଳିକା ଟିମ୍ ମ୍ୟାନେଜର ଜ୍ୟୋସ୍ନା ଟୁଡୁଙ୍କ ନେତୃତ୍ୱରେ ୪୦ ଜଣ କ୍ରୀଡାବିତ୍ ଯୋଗ ଦେବେ। ସେମାନେ ହେଲେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଆଶେଶ୍ୱର ମାରାଣ୍ଡି, ସୁବାଷ ହାଁସଦା, କ୍ରୀଷ୍ଣା ମୁଖୀ, ସିମଲ ବାସ୍କେ, ସଂଦିପ ସିଂ, ଶିବା ସୋରେନ, ସୋନାର ସିଂ ବେସ୍ରା, ଆଦିତ୍ୟ ଧୁଙ୍ଗିଆ, ସାଗୁନ ସୋରେନ, ଶିବା ବେହେରା, ଆକାଶ ନାଏକ, ଆଚମ ଟୁଡୁ ଓ ବାଳିକା ବିଭାଗରେ ଊର୍ମିଳା ସୋରେନ, ପାଏଲ ହାଁସଦା, ସୁମିତ୍ରା ମୁର୍ମୁ, କରିନା ଟୁଡୁ, ସରିତା ମାଝୀ, ଯମୁନା ମୁର୍ମୁ, ନମିତା ହେମ୍ବ୍ରମ, ମମତା ମୁର୍ମୁ, ବନିତା ସିଂ, ପିଙ୍କି ହେମ୍ବ୍ରମ, ବନ୍ଦନା ଟୁଡୁ, କୁନି ସୋରେନ। ସେହିପରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଭିମ ହାଁସଦା, ମନୋଜ ସିଂ, ଦୀପୁ ହେମ୍ବ୍ରମ, ଶ୍ରୀକାନ୍ତ ସିଂ, ପ୍ରଭଞ୍ଜନ ଟିପିରିଆ, କ୍ରିତିଭାନୁ ଧଳ, ଅଭିନନ୍ଦନ ଗୋପ, ଆୟୁଷ ବିଶୋଇ ଓ ବାଳିକା ବିଭାଗରେ ସବିତା ସୋରେନ, ସନ୍ଧ୍ୟା ସୋରେନ, ସୁଲେନା ହେମ୍ବ୍ରମ, ପୁଷ୍ପାଞ୍ଜଳି ସିଂ, ସବିତା ମାରାଣ୍ଡି, ଅମିତା ସିଂ, ସୋନାଲି ସିଂ, ଗୌରୀ ସିଂ। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି ।

## ବିହାରର ପୂର୍ଣ୍ଣଆରେ ବେନିୟମ ହତିଆର କାରଖାନା ଠାବ

କୋଲକତା, ୨୧/୦୩ (ନି.ପ୍ର): କୋଲକତା ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ ଏବଂ ପାଟନା ପୋଲିସ ଏସଟିଏଫ୍‌ଙ୍କ ସହିତ ମିଶି ପୂର୍ଣ୍ଣଆ ଜେଲରେ ଏକ ବେନିୟମ ହତିଆର କାରଖାନାକୁ ଠାବ କରିଛନ୍ତି । କୋଲକତା ପୋଲିସ ଏସଟିଏଫ୍‌ର ଡିସି ଆଇପିଏସ୍ ହରୀକୃଷ୍ଣ ପାଇ ମଙ୍ଗଳବାର ସନ୍ଧ୍ୟାରେ ଏହାର ସୂଚନା ଦେଇଛନ୍ତି ।

## ଅବସରପ୍ରାପ୍ତ ଶିକ୍ଷକ ସଂଘର ନିର୍ବାଚନ ମାର୍ଚ୍ଚ ୨୮ ରେ

ଉଦଳା, ୨୧/୦୩ (ନି.ପ୍ର): କପ୍ତିପଦା ଉପଖଣ୍ଡ ସ୍ତରୀୟ ଅବସରପ୍ରାପ୍ତ ଶିକ୍ଷକ ସଂଘର ସାମ୍ବିଧାନିକ ନିର୍ବାଚନ ଚଳିତ ମାର୍ଚ୍ଚ ୨୮ ତାରିଖ ମଙ୍ଗଳବାର ଦିନ ମା' ତାରିଣି ପୀଠ, ଖଣ୍ଡିହୁଡ଼ି, କୁଅଁରପାଳ ଠାରେ ଅନୁଷ୍ଠିତ ହେବ ବୋଲି ସଂଘର ସଭାପତି ନରେନ୍ଦ୍ର ମୋହନ ଜେନା ଘୋଷଣା କରିଛନ୍ତି । ଏଥିପାଇଁ ଜରୁରୀ ବୈଠକ ଡ଼ାକି ଏହା ନିଷ୍ପତି ନିଆଯାଇଥିବାର କଥା ସେ ଜଣାଇଛନ୍ତି । ଏହି ବୈଠକରେ ଶିକ୍ଷାବିତ ଲକ୍ଷବଙ୍ଗ କୁମାର ବିନ୍ଧାଣୀ ଓ ରବିକାନ୍ତ ମହାପାତ୍ର ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କପ୍ତିପଦା ଉପକଣ୍ଠର ଅବସରପ୍ରାପ୍ତ ଶିକ୍ଷକ ସଂଘ ଏକ ଶୃଙ୍ଖଳିତ ସଂଘ ଭାବେ ସମଗ୍ର ଓଡ଼ିଶାରେ କିପରି ତାର ଏକ ପରିଚୟ ସୃଷ୍ଟି କରିପାରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ତାଛଡ଼ା ଏହି ସଂଘ ପ୍ରତକ୍ଷ ଓ ପରୋକ୍ଷ ଭାବରେ ରାଜନୀତି ସହିତ ଜଡ଼ିତ ରହୁଥିବାରୁ ବିଭିନ୍ନ ରାଜନୈତିକ ଦଳର ତୀକ୍ଷ୍ଣ ନଜର ଏହି ସଂଘ ଉପରେ ରହୁଥିବାର କଥା ମଧ୍ୟ ଆଲୋଚନା କରାଯାଇଥିଲା । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫୁଲ କୁମାର ଖିଲାର, ଭାସ୍କର ଚନ୍ଦ୍ର ବାରିକ, କୃପାସିନ୍ଧୁ ବେହେରା, ସଦାନନ୍ଦ ମହାନ୍ତି, ଅନନ୍ତ କୁମାର ବାରିକ, ସୁଧାଂଶୁ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ଅତିତରେ ଉଦଳା ନିର୍ବାଚନ ମଣ୍ଡଳିର ବିଧାୟକ ଭାବରେ ଅନଙ୍ଗ ସେନାପତି କିପରି ଛିଡ଼ା ହୋଇଥିଲେ ଓ ସଂଘ କିପରି ତାଙ୍କୁ ସହଯୋଗ କରିଥିଲା ବର୍ଣ୍ଣନା କରିଥିଲେ । ମୋଟାମୋଟି ଭାବରେ ଉଦଳା ରାଜନୀତିକୁ ଏହି ସଂଘ ହିଁ ବହୁଳ ଭାବରେ ପ୍ରଭାବିତ କରିଥାଏ ବୋଲି ସମସ୍ତେ ସ୍ୱିକାର କରିଥିଲେ । ଏହାପରେ ଦିବଂଗତ ଶିକ୍ଷକ ମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ଶେଷରେ ନିର୍ବାଚନ ପରିଚାଳନାର ଦାୟିତ୍ୱ ହରିହର ବେହେରା, ବନମାଳି ବେହେରା, ରମାନାଥ ସାହୁ, ମନୋରଂଜନ ବେହେରାଙ୍କୁ ଅର୍ପଣ କରାଯାଇ ସଭାସାଙ୍ଗ ଘୋଷଣା କରାଯାଇଥିଲା । ଆଗକୁ ଲୋକସଭା ଓ ବିଧାନସଭା ନିର୍ବାଚନ ଆସୁଥିବାରୁ ଏହି ସଂଘର ନିର୍ବାଚନ ଉପରେ ବିଭିନ୍ନ ରାଜନୈତିକ ଦଳର ଶିବିର ମଧ୍ୟ ଚଳ ଚଂଚଳ ହୋଇ ଉଠିଥିବାର କଥା ଚର୍ଚ୍ଚା ହେଉଅଛି ।

# ଅଦିନିଆ କୁଆପଥର ମାଡରେ ରବିଫସଲ ନଷ୍ଟ

ଜଳେଶ୍ୱର, ୨୧/୦୩ (ନି.ପ୍ର): ଦୀର୍ଘ ୬ମାସ ଧରି ବର୍ଷା ନଥିବା ବେଳେ ଜଳେଶ୍ୱର ଅଂଚଳରେ ପାଇବାପାଣିର ସମସ୍ୟା ସୃଷ୍ଟି ହୋଇଥିଲା । ଗତ ଶନବାର ଦିନ ପଶ୍ଚିମାଝଡ ଜଳେଶ୍ୱର ଅଂଚଳର ବହୁ ଲୋକଙ୍କ ଘର ଛପର ନଷ୍ଟ କରିଥିବା ବେଳେ କିଛି ପରିବାଚାଷ ମଧ୍ୟ ନଷ୍ଟ କରିଥିଲା । ଚାଷୀ କ୍ଷେତରୁ ପାଣି ବାହାର କରି ସମାନ୍ୟ ଆସ୍ୱସ୍ତ ହୋଇଥିବା ବେଳେ ଆଜି ଅପରାହ୍ନରେ ପ୍ରବଳ କୁଆପଥର ମାଡ ସହିତ ଝଡବର୍ଷା ହେବା ଫଳରେ କିଛିସ୍ଥାନରେ ବିଦ୍ୟୁତ୍ ତାର ଛିଡିଯାଇଥିଲା । କେତେକ ସ୍ଥାନରେ ଗଛ ଡାଳ ଭଂଗିଯିବା ସହିତ ଛପର ଉଡିଯାଇଥିବା ଦେଖିବାକୁ ମିଳିଯାଇଛି । ବିଶେଷ କରି ସୁବର୍ଣ୍ଣରେଖା କୂଳବର୍ତ୍ତି ଅଂଚଳରେ ବହୁଳଭାବରେ ଚାଷ ହୋଇଥିବା ଚିନାବାଦାମ, ପନିପରିବା, ତରବୁଜ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି । ଜମିରେ ପାଣି ଜମିଯିବା ଫଳରେ ତରବୁଜ, କାକୁଡି, କଲରା, ଜହ୍ନି, ପୋଟଳ ଇତ୍ୟାଦି ପଚିଯିବାର ଆଶଙ୍କା ସୃଷ୍ଟି ହୋଇଛି । ପବନରେ ପରିବା ଗଛ ଗୁଡିକ ଓଲଟି ଯାଇଥିବା ବେଳେ ଅଣ୍ଡିର-ମାଇ ଧାନଚାଷ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଜଳେଶ୍ୱର ବ୍ଲକର ଗୋବରଘଟା, ଲକ୍ଷ୍ମଣନାଥ, ରାୟାଁରାମଚନ୍ଦ୍ରପୁର, ବାଇଗଣବାଡିଆ, ଗଡସାହି ବାଲିଆପାଳ, ରାଜପୁର, କୋଟସାହି, ଶିଖରପୁର, ଡିପିପୁର, ଶ୍ରୀରାମପୁର, ଓଲମରା, ମାକିଡିଆ, ପଶ୍ଚିମବାର୍ଡ ପ୍ରଭୃତି ପଂଚାୟତରେ ବହୁଳଭାବେ ପରିବା ଚାଷ ନଷ୍ଟ ହୋଇଥିବା ଦେଖିବାରକୁ ମିଳିଛି । ବ୍ୟାଙ୍କରୁ ଟଙ୍କା କରଜ ଆଣି ଓ ଲିଜ ସୂତ୍ରରେ ଜମି ଚାଷ କରିଥିବା ଗୋବରଘଟାର ସୁଶାନ୍ତ ଦଳାଇ, ରୂପକ ଜେନା, ଶ୍ୟାମସୁନ୍ଦର ଦଳାଇ, ସନ୍ୟାସୀ ପାଳ, ରବିନ୍ଦ୍ର ଦଳାଇ, ଘନଶ୍ୟାମ ଦଳାଇ, ରାଜିବ ତରାଇ, ରବିନ୍ଦ୍ର ବେହେରା, ପ୍ରମୁଖ ଜମିହିତରେ ମୁଣ୍ଡରେ ହାତ ମାରି ବସିଛନ୍ତି । ସରକାର ଚାଷୀଙ୍କ ମାନଙ୍କ କ୍ଷୟକ୍ଷତିର ତଦନ୍ତ କରି ସହାୟତା ଯୋଗାଇ ଦେବାକୁ କୃଷକ ନେତା ସୁଦାମ ପାତ୍ର, ରବିନ୍ଦ୍ର ବାରିକ, ସରପଂଚ ମିନତୀ କର, ସଦସ୍ୟ ନାଥୁରାମ ହେମ୍ବ୍ରମ, ବ୍ରଜମୋହନ ପ୍ରଧାନ, ରାଜେଶ ଜେନା, ମଂଜୁବାଳା ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

## ଓଡିଶାରୁ ପଶ୍ଚିମବଂଗକୁ ପାନମସଲା ଚାଲାଣ ବେଳେ ବସ୍ ଅଟକ୍ : ଯାତ୍ରୀ ହନ୍ତସନ୍ତ

ଜଳେଶ୍ୱର, ୨୧/୦୩ (ନି.ପ୍ର): ଆଜି ସକାଳେ ବାଲେଶ୍ୱରରୁ କଲିକତା ଅଭିମୁଖେ ଯାଉଥିବା ବନଦୁର୍ଗା । ଘରୋଇ ବସ୍‌କୁ ଜଳେଶ୍ୱର ପୁଲିସ୍ ପକ୍ଷରୁ ଲକ୍ଷ୍ମଣନାଥ ଟୁଲ ପ୍ଲାଜା ନିକଟରେ ଅଟକ ରଖା ଯାଇଥିଲା । ଏଥିରେ ନକଲି ଗୁଟକା ଯାଉଥିବା ଗୁପ୍ତ ଖବର ପାଇ ଜଳେଶ୍ୱର ପୁଲିସ୍ ବସ୍‌ଟିକୁ ଥାନା ନିକଟକୁ ଆଣିଥିଲା । ଯାଞ୍ଚବେଳେ ବସ୍ ମଧ୍ୟରେ ଜିଏସଟି ବିଲଥିବା ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୧୦ଟି ପେଟିରେ ପାନ ମସଲା ଥିବା ଜଣାଯାଇଛି । ବସ୍ ମଧ୍ୟରେ ୩୦ଜଣରୁ ଉର୍ଦ୍ଧ୍ୱ ଯାତ୍ରୀ ଓଡିଶାରୁ ପଶ୍ଚିମ ବଂଗ ଯାଉଥିବା ବେଳେ ସେମାନେ ବହୁ ହଇରାଣ ହରକତ ହୋଇଥିଲେ । ସେମାନଙ୍କୁ ଜଳେଶ୍ୱର ଷ୍ଟେସନ୍ ନିକଟକୁ ନିଆଯାଇ ସେଠାରେ ଛାଡି ଦିଆଯାଇଥିଲା । ମାତ୍ର ଯାତ୍ରୀମାନେ ନିଜ ଗନ୍ତବ୍ୟସ୍ଥଳକୁ ଯିବାରେ ବହୁ ଅସୁବିଧା ହେବ ବୋଲି କେତେକ ଯାତ୍ରୀ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ତେବେ ଜାତୀୟ ରାଜପଥ ୬୦ରେ ପ୍ରତିଦିନ ଶହ ଶହ ବସ୍ ଯାତାୟାତ ହେଉଥିବା ବେଳେ ଉକ୍ତ ବସ୍‌କୁ ଅଟକ ରଖିବାନେଇ ବହୁକଥା ଶୁଣିବାକୁ ମିଳୁଛି ।

# ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଅବହେଳାରୁ କର୍ମଚାରୀଙ୍କୁ ମିଳୁନି ପେନସନ

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଅବସରପ୍ରାପ୍ତ କର୍ମଚାରୀ

ବାଲେଶ୍ୱର, ୨୧/୦୩ (ନି.ପ୍ର): ପୂର୍ତ୍ତ ବିଭାଗରେ ଦୀର୍ଘ ବର୍ଷଧରି ଚାକିରି କରି ଡିଏଲ୍‌ଆର, ୱାର୍କ ଚାର୍ଜଡ୍ ଓ ରେଗୁଲାର୍ କର୍ମଚାରୀଭାବେ ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ଇପିଏଫ୍ ପେନ୍‌ସନ ପାଇଁ ବାରମ୍ବାର ଅଫିସକୁ ଦୌଡ଼ି ନରାଶ ହେବା ପରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ବାଲେଶ୍ୱର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଏହି ଅବସରପ୍ରାପ୍ତ କର୍ମଚାରୀଙ୍କର ଇପିଏଫ ଓ ପେନସନ ସଂକ୍ରାନ୍ତୀୟ ସମସ୍ତ ଆବଶ୍ୟକୀୟ କାଗଜପତ୍ର, ମାସିକ/ ବାର୍ଷିକ ରିଟର୍ଣ୍ଣ ଇପିଏଫ କମିଶନରଙ୍କୁ ପ୍ରଦାନ କରୁନଥିବାରୁ ଏହି କର୍ମଚାରୀମାନେ ଅଦ୍ୟାବଧି ପେନସନ ପାଉ ନଥିବା ସେମାନେ ଅଭିଯୋଗ କରିଛନ୍ତି । ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଏଥିପ୍ରତି ଅଦ୍ୟାବଧି କୌଣସି ଗୁରୁତ୍ୱ ନଦେବା ଯୋଗୁଁ ଅବସରପ୍ରାପ୍ତ ବହୁ ବରିଷ୍ଠ କର୍ମଚାରୀ ବୟସର ଅପରାହ୍ଣରେ ରୋଗରେ ପୀଡ଼ିତ ହୋଇ ବହୁ ଦୁଃଖରେ କାଳାତିପାତ କରୁଛନ୍ତି ।ଏମିତିକି ଇତିମଧ୍ୟରେ ପେନସନ୍ ଆଶାୟୀ କେତେକ କର୍ମଚାରୀ ମୃତ୍ୟୁବରଣ କଲେଣି । ଇପିଏଫ କମିଶନର ପୂର୍ତ୍ତ ବିଭାଗ ଡିଭିଜନ୍‌ରୁ ପ୍ରାୟ ୨କୋଟି ଟଙ୍କା ପେନସନ ବାବଦରେ ଜବତ କରିନେଇଛନ୍ତି । ତଥାପି ବିଭାଗୀୟ ଅଧିକାରୀମାନେ ଅବସରପ୍ରାପ୍ତ କର୍ମଚାରୀଙ୍କ ଆଇନଗତ ଦାବିପ୍ରତି କର୍ଣ୍ଣପାତ କରୁନଥିବା ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ପେନସନ ବାବଦରେ ଆସନ୍ତା ୧୫ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆ ନଗଲେ ସେମାନେ ବାଲେଶ୍ୱର ପୂର୍ତ୍ତ ବିଭାଗର ୧ନମ୍ବର ଡିଭିଜନ୍ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ପୂର୍ତ୍ତବିଭାଗରୁ ଅବସର ନେଇଥିବା କର୍ମଚାରୀ ସୁଧାଂଶୁବାଳା ମହାପାତ୍ର, ରାମଚନ୍ଦ୍ର ଜେନା, ଭୋଳାନାଥ ଦାସ, ବୀରେନ୍ଦ୍ର ମଲିକ, ଗୋବର୍ଦ୍ଧନ ପରିଡ଼ା, ଉଗ୍ରସେନ ବାରିକ୍, ଲକ୍ଷ୍ମଣ ଭୂୟାଁ, ବନମାଳୀ ପାତ୍ର, ଅନିରୁଦ୍ଧ ବାରିକ୍, ଗଜେନ୍ଦ୍ର ନାଇକ, ଅନ୍ନପୂର୍ଣ୍ଣା ମହାଲିକ, ସାବିତ୍ରୀ ବେଓ୍ୱା, ସୁକାନ୍ତି ପରିଡ଼ା, ପ୍ରମୁଖ ଉପସ୍ଥିତ ଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ ଜରିଗଳି ବାସିନ୍ଦା

ବାଲେଶ୍ୱର, ୨୧/୦୩ (ନି.ପ୍ର): ପୌରାଞ୍ଚଳର ୨ ନଂ ୱାର୍ଡ଼ର ବିଭିନ୍ନ ସମସ୍ୟା ସମାଧାନରେ ପୌର କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ନେଇ ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ମଙ୍ଗଳବାର ପୌରପାଳିକା ସମ୍ମୁଖରେ ଧାରଣା ଦେଇଥିଲେ । ପୌରପାଳିକାର ୨ ନଂ ୱାର୍ଡ଼ ଜରିଗଳି ବାସିନ୍ଦାମାନେ ଦୀର୍ଘ ଦିନଧରି ମୌଳିକ ସୁବିଧାରୁ ବଞ୍ଚିତ ହୋଇଆସୁଛନ୍ତି ବୋଲି ଶ୍ରୀ ପଣ୍ଡା ଆରୋପ କରିଛନ୍ତି । ଏଠାରେ ପାନୀୟଜଳ ସୁବିଧା ନଥିବା ବେଳେ ରାସ୍ତା ନଥିବାରୁ ଖାଲୁଆ ଅଞ୍ଚଳରେ ବର୍ଷସାରା ଲୋକେ ବାଉଁଶ ପୋଲ କରି ଯାତାୟତ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ସହରର ଉନ୍ନତୀକରଣ ପାଇଁ ପୌରପାଳିକା ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଦୁଇ ନଂ ୱାର୍ଡ଼ର ଏହି ଜରିଗଳିବାସୀଙ୍କ ପ୍ରତି ଅବହେଳା କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ପଣ୍ଡା କ୍ଷୋଭର ସହ ପ୍ରକାଶ କରିଛନ୍ତି ।ଏହି ଅଞ୍ଚଳବାସୀଙ୍କ ପାଇଁ ତୁରନ୍ତ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ମୋତି ଘରଠାରୁ ଏନାୟତ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ମୋତି ଘରଠାରୁ ବାବୁଘର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ପାଇଁ ସେ ଦାବି କରିଛନ୍ତି । ବାବଦରେ ୧୫ ଦିନ ମଧ୍ୟରେ ଉଚିତ ପଦକ୍ଷେପ ନିଆନଗଲେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଶ୍ରୀ ପଣ୍ଡାଙ୍କ ସମେତ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି । ଏନେଇ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଶ୍ରୀ ପଣ୍ଡାଙ୍କ ସମେତ ଚିତ୍ତରଂଜନ ନାୟକ, ପ୍ରମୋଦ ଦାସ, ତେହେରା ବିବି, ଶେଖ ସୁଲତାନ, ସୁଶୀଳ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବହୁଜନ ସମାଜ ପାର୍ଟି ଭଦ୍ରକ ଜିଲ୍ଲାର ମଦ ଓ ନିଶାମୁକ୍ତ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୨୧/୦୩ (ନି.ପ୍ର): ବହୁଜନ ସମାଜପାର୍ଟି, ଭଦ୍ରକ ଜିଲ୍ଲା ଆନୁକୂଲ୍ୟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରିଆଜୁଦ୍ଦିନ ଖାନ୍‌ଙ୍କ ନେତୃତ୍ୱରେ ମଦ ଓ ନିଶାମୁକ୍ତ ଅଭିଯାନ ଆଜି ଅପରାହ୍ନ ୩ ଘଟିକା ସମୟରେ ଭଦ୍ରକ ପୌରପାଳିକାର ୨୬ ଓ ୨୭ ନଂ ୱାର୍ଡର ସଦାବର୍ତ୍ତ ମଠ ନିକଟରୁ ବାହାରି ଖେମ୍‌କା ସରକାର ନଗର ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଏବଂ ପଥପ୍ରାନ୍ତ ସଭା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ, ସମ୍ପାଦକ ଓ ବାସୁଦେବପୁର ବିଧାନସଭା ସୁରେନ୍ଦ୍ର ମଲ୍ଲିକ ସଂଗୀତ ମାଧ୍ୟମରେ ଓ ମୁଖ୍ୟ ଅତିଥି ଭାବେ ରାଜ୍ୟ ସମ୍ପାଦକ ଆଇନଜୀବୀ ଅର୍ଜୁନ ଚରଣ ମଲ୍ଲିକ ପ୍ରତ୍ୟେକ ଛକ ଓ ବଜାର ମାନଙ୍କରେ ମଦ ଓ ନିଶା ସେବନର ଅପକାରିତା, ନିଶା ସେବନ ଦ୍ୱାରା କିପରି ପରିବାର ଉଜୁଡ଼ି ଯାଏ ସେ ସମ୍ପର୍କରେ ଭାଷଣ ଦେଇଥିଲେ । ଏ ନେ ଇ ଏକ ପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଭଦ୍ରକ ଜିଲ୍ଲାପାଳ, ଏସପିଙ୍କୁ ଡାକ ଯୋଗେ ପଠା ଯାଇଥିଲା ।

## ଗୃହମନ୍ତ୍ରୀ ଅମିତ ଶାହା ୨୫ ମାର୍ଚ୍ଚରେ ବସ୍ତର ଅଚଳକୁ କରିବେ ଗସ୍ତ

ରାୟପୁର, ୨୧/୦୩ (ନି.ପ୍ର): କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତଶାହା ୨୫ ମାର୍ଚ୍ଚରେ ଛତିଶଗଡର ବସ୍ତର ଅଚଳକୁ ଗସ୍ତ କରିବେ । ସେ ବସ୍ତର ଜିଲ୍ଲାର କରଣପୁର ସ୍ଥିତ କୋବରା ୨୦୧/୨୦୪ ବାଟାଲିଆନକୁ ଯିବାର ଯୋଜନା ରହିଛି । ଶାହା ସିଆରପିଏଫ୍‌ର ୮୪ ତମ ସ୍ଥାପନା ଦିବସ କାର୍ଯ୍ୟକ୍ରମରେ ଭାଗନେବେ । ଅମିତ ଶାହା ଫାଖାପାଖି ୫ ରୁ ୭ ଘଂଟା ବାଟାଲିଆନ କ୍ୟାଂପରେ ରହିବେ ବୋଲି ସୂଚନା ରହିଛି ।

# ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଲେ କପ୍ତିପଦାର ଝିଅ 'ସୁକାନ୍ତି'




ଉଦଳା, ୨୧/୦୩ (ନି.ପ୍ର): ଲିଙ୍ଗଗତ ସମାନତା ଏବଂ ବାଲ୍ୟ ବିବାହ ରୋକିବା କ୍ଷେତ୍ରରେ ଗ୍ରାମାଚଂଳର ଲୋକ ମାନଙ୍କୁ ସଚେତନ କରାଇ ପ୍ରଶଂସା ସାଉଁଟିଛନ୍ତି କପ୍ତିପଦା ବ୍ଲକ ଲାବଣ୍ୟଦେଇପୁର ପଂଚାୟତର ସ୍ୱୟଂ ସହାୟିକା ମହାସଂଘର ନେତ୍ରୀ ସୁକାନ୍ତି ଚାମ୍ପିଆ । ଦିଲ୍ଲି ଠାରେ ଯୁକ୍ତରାଷ୍ଟ୍ର ଆମେରିକାର ଆନ୍ତର୍ଜାତିକ ବିକାଶ ସଂସ୍ଥା (ୟୁ.ଏସ୍.ଏ.ଆଇ.ଡ଼ି) ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସ ୨୦୨୩ ପାଳନର ଏକ ସ୍ୱତନ୍ତ୍ର ଉତ୍ସବରେ ସୁକାନ୍ତିଙ୍କୁ ପୁରସ୍କୃତ କରାଯାଇଛି । ଗ୍ରାମାଚଂଳର ଲୋକ ମାନଙ୍କୁ ଲିଙ୍ଗଗତ ସମାନତା ତଥା ବାଲ୍ୟ ବିବାହକୁ ରୋକିବା କ୍ଷେତ୍ରରେ ସଚେତନ କରି ସେମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ସୁକାନ୍ତିଙ୍କ ପ୍ରଶଂସନିୟ କାର୍ଯ୍ୟକୁ ଉକ୍ତ ଉତ୍ସବରେ ଦିଲ୍ଲି ସରକାରଙ୍କ ପଦାଧିକାରୀ, ମହିଳା କମିଶନ ଓ (ୟୁ.ଏସ୍.ଏ.ଆଇ.ଡ଼ି) କର୍ତ୍ତୃପକ୍ଷ ଭୂୟସୀ ପ୍ରଶଂସା କରିଥିଲେ । ଦେଶରେ ୨୧ ଜଣ ପୁରସ୍କୃତ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଓଡ଼ିଶାରୁ ଜଣେ ମାତ୍ର ସୁକାନ୍ତି ପୁରସ୍କୃତ ହୋଇଥିବାରୁ ତାଙ୍କୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ, ସ୍ୱେଚ୍ଛାସେବୀ ସଂଗଠନ ସି-୩ (ସେଂଟର ଫର କାଟାଲାଇଜିଂ ଚେଞ୍ଜ) ଶୁଭେଚ୍ଛା ଜେଣାଇଛନ୍ତି ।

# ଆଧାତ୍ମିକ ଲେଖକ ଡ଼କ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି ସମ୍ବର୍ଦ୍ଧିତ




ବାସୁଦେବପୁର, ୨୧/୦୩ (ନି.ପ୍ର): ଓଡିଶା ର ବିଶିଷ୍ଟ ଆଧାତ୍ମିକ ଲେଖକ ଓ ଲୋକପ୍ରିୟ ପ୍ରାବନ୍ଧିକ ଡ଼କ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି ପୁସ୍ତକ ମେଳା ରୌପ୍ୟ ଜୟନ୍ତୀ ଅବସରରେ ଫୁଲବାଣୀ ଜିଲ୍ଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ମନୀଷା ମନସ୍ୱିନୀ ସମ୍ମାନ ରେ ସମ୍ବର୍ଦ୍ଧିତ ହୋଇଛନ୍ତି । ରବୀନ୍ଦ୍ର ନାଥ ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ରେ ଅତିଥି ଭାବେ ଯୋଗ ଦେଇଥିଲେ କବି ଡ଼କ୍ଟର ବିଜୟ ନାୟକ, ବିଶିଷ୍ଟ କବି ଫନି ମହାନ୍ତି, ଉତ୍କଳ ବିଶ୍ୱ ବିଦ୍ୟାଳୟ ର ଅବସରପ୍ରାପ୍ତ ସଂସ୍କୃତ ପ୍ରଫେସର ଡ଼କ୍ଟର ସୁବାସ ଦାସ, ରାଜ୍ୟ ବୈଷୟିକ ତାଲିମ ପ୍ରତିଷ୍ଠାନ ନିର୍ଦ୍ଦେଶକ ଇଂ ଅଜୟ ପଣ୍ଡା, ଓଡିଶା ସାହିତ୍ୟ ଏକାଡେମୀ ର କନ୍ଧମାଳ ଜିଲ୍ଲା ସଦସ୍ୟ କବି ଗିରିଜା ପ୍ରସାଦ ମିଶ୍ର ଓ କବି ବୀରେନ୍ଦ୍ର ଜେନା । ସମସ୍ତ ଅତିଥି ଡ଼କ୍ଟର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଫୁଲବାଣୀ ରେ ମଧ ଡ଼କ୍ଟର ମହାନ୍ତିଙ୍କର ପୁସ୍ତକ ବୌଦ୍ଧ ଓ କନ୍ଧମାଳର ଦର୍ଶନୀୟ ସ୍ଥାନ ଉନ୍ମୋଚିତ ହୋଇଥିଲା । ଏହା ବ୍ୟତୀତ ୧୬ ତାରିଖ ରେ ଅନୁଗୁଳ ଜିଲ୍ଲା ବେଲ ପୁଞ୍ଜି ଆଶ୍ରମରେ ତାଙ୍କର ଆଧାତ୍ମିକ ପୁସ୍ତକ ଅବଧୂତ ସନ୍ଥ କଇଁଫୁଲ ବାବା ଲୋକାର୍ପିତ ହୋଇଥିଲା ଏବଂ ତାଙ୍କୁ ମଧ ଭକ୍ତି କୁସୁମ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ପୂର୍ବରୁ ଡ଼କ୍ଟର ମହାନ୍ତି ବାସୁଦେବପୁର ମହୋତ୍ସବ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମରେ ଜନ୍ମଲାଭ କରିଥିବା ଡ଼କ୍ଟର ମହାନ୍ତି ବେତଡା ବଜାର ସ୍ଥିତ ବାସ ଭବନ ରେ ରହୁଛନ୍ତି । ଏହି ଅବସରରେ ବାଇଚଢେଇ ସମ୍ପାଦକ କବି ବିକାଶ ଶତପଥି, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, କବି ସୁଧାଂଶୁ ଶେଖର ମିଶ୍ର, କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, କବି ରଘୁନାଥ ମହାନ୍ତି ପ୍ରମୁଖ ଡ଼କ୍ଟର ମହାନ୍ତି ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ତୀବ୍ର ହେଉଛି ବଳରାମଗଡ଼ି ଫିସିଙ୍ଗ ହାରବର ନିର୍ମାଣ ଦାବି

## ଜିଲ୍ଲାପାଳଙ୍କୁ ଭେଟିଲେ ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ଗଣ ସଂଗଠନ



ବାଲେଶ୍ୱର, ୨୧/୦୩ (ନି.ପ୍ର): ପ୍ରସ୍ତାବିତ ବଳରାମଗଡ଼ି ମାଛଧରା ଜେଟି ବା ଫିସିଙ୍ଗ ହାରବର ପ୍ରକଳ୍ପ ନିର୍ମାଣକୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଟଣାଓଟରା ଚାଲିଛି । ପୂର୍ବରୁ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରି ପ୍ରକଳ୍ପ ସ୍ଥାନାନ୍ତର ପାଇଁ ପ୍ରଶାସନଠାରେ ଫେରାଦ ହୋଇଥିବା ବେଳେ ଏବେ ଏହାକୁ ତୁରନ୍ତ କାର୍ଯ୍ୟକାରୀ ପାଇଁ ଆଉଏକ ଗୋଷ୍ଠୀ ଦାବି କରିଛି । ଚାନ୍ଦିପୁର ଗ୍ରାମ ପଞ୍ଚାୟତ ପ୍ରତିନିଧି, ବଳରାମଗଡ଼ି ଟ୍ରଲର ଆସୋସିଏସନ, ଅନ୍ୟାନ୍ୟ ବର୍ଗର ମତ୍ସ୍ୟଜୀବୀଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଗଣ ସଂଗଠନମାନେ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ ସହ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ନିବେଦନ କରିଛନ୍ତି । ଏ ଅଞ୍ଚଳରେ ପାରାଦୀପ ଭଳି ଏକ ଫିସିଙ୍ଗ ହାରବର ସ୍ଥାପନ ପାଇଁ ଟ୍ରଲର ଆସୋସିଏସନ ସମେତ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା । ଶେଷର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ସରକାରୀ ଜାଗା ଦଖଲରେ ରଖିଥିବା କିଛି ବ୍ୟକ୍ତି ଏଥିରେ ଅନ୍ତରାୟ ସୃଷ୍ଟି କରୁଛନ୍ତି ବୋଲି ଟ୍ରଲର ବିଭିନ୍ନ ସଂଗଠନର କମକର୍ତ୍ତାମାନେ ଆରୋପ କରିଛନ୍ତି । ସରକାରୀ ଜାଗାରୁ ଉଚ୍ଛେଦ ହୋଇଯିବା ଭୟରେ ଏହି ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସମ୍ପୃକ୍ତ ବ୍ୟକ୍ତିମାନେ କିଛି ମହିଳାଙ୍କ ପଠାଇ ପୂର୍ବରୁ ଜିଲାପାଳଙ୍କଠାରେ ଆପତ୍ତି ଉଠାଇଥିଲେ । ସରକାରୀ ଜାଗାକୁ ଜବରଦଖଲରେ ରଖିଥିବା କିଛି ମୁଷ୍ଟିମେୟ ବ୍ୟକ୍ତି ଏହି ପ୍ରକଳ୍ପକୁ ବିରୋଧ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ପଞ୍ଚାୟତ ପ୍ରତିନିଧିମାନେ କହିଛନ୍ତି । ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନେବା ସହ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ଚାନ୍ଦିପୁର ହୋଟେଲ ସଂଘ, ଅଟୋରିକ୍ସା ସଂଘ, ଦୋକାନୀ ସଂଘ, ଶୁଖୁଆ ଖଳା ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଚାନ୍ଦିପୁର ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଦାବି କରିଛନ୍ତି । ଏହି ଅବସରରେ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ପୂର୍ଣ୍ଣିମା ଜେନା, ପୂର୍ବତନ ସରପଞ୍ଚ ତପନ ଜେନା, ନାଏବ ସରପଞ୍ଚଶ୍ରୀକାନ୍ତ ନାୟକ, ସଦାମ ଅଲି ଖାନ, ଶେଖ ରେଜାକ ଉଦ୍ଦିନ, ଶେଖ ଦୀଲଓ୍ୱାର, ଜସିମ ମଲିକ, ଗୌରାଙ୍ଗ ମଣ୍ଡଳ, ଜୁଲି ଦାସ, ସ୍ୱର୍ଣ୍ଣଲତା ସାସମଲ, ବାସନ୍ତୀ ମାଝୀ, ପିଙ୍କି ବିବି ପ୍ରମୁଖ ଉପସ୍ଥିତ ଥିଲେ ।


ଜାତୀୟ ସ୍ୱାସ୍ଥ୍ୟ ମିଶନ NATIONAL HEALTH MISSION

## ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ ।

ଓଡ଼ିଶା ଶାସନ

### ୫ ବର୍ଷରେ ୭ ଥର

ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର




### ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି,ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧,ପେଣ୍ଟାଭାଲେଣ୍ଟ-୧,ଏଫ୍‌ଆଇପିଭି-୧,ଆର୍‌ଭିଭି-୧,ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨,ପେଣ୍ଟାଭାଲେଣ୍ଟ-୨,ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩,ଏଫ୍‌ଆଇପିଭି-୨,ଆର୍‌ଭିଭି-୩,ପିସିଭି-୨ |
| ୯-୧୨ମାସ | ଏମ୍‌ଆର୍-୧,ଭିଟାମିନ୍-କ***, ପିସିଭି ବୁଷ୍ଟର, ଜେଇ-୧**, ଏଫ୍‌ଆଇପିଭି-୩ |
| ୧୬-୨୪ମାସ | ଏମ୍‌ଆର୍-୨,ଭିଟାମିନ୍-କ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧,ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟିକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ମାସ ବ୍ୟବଧାନରେ ଦିଆଯାଏ ।

OIPR : 10003/13/0176/2223

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo